Nyasa Nabodita Presents



ଦ୍ୱିତୀୟ ବର୍ଷ
ପଞ୍ଚମ ସଂଖ୍ୟା
Vol: 2 Issue: 5
June 2007


# ଆହ୍ୱାନ

ଓଡିଶାର ପ୍ରଥମ ଏବଂ ଏକମାତ୍ର ମାସିକ ସାହିତ୍ୟିକ ଇ-ପତ୍ରିକା

## ସଂକ୍ଷେପରେ


| | | |
|---|---|---|
| ୧ | ସଂପାଦକୀୟ | ୧ |
| ୨ | ହେଲେ ସନ୍ଧ୍ୟା | ୨ |
| ୩ | ଦୁଇଟି କବିତା | ୨ |
| ୪ | ଦୁର୍ଘଟଣା | ୩ |
| ୫ | ଏମିତି ବି ହୁଏ | ୬ |
| ୬ | ପ୍ରସବ | ୬ |
| ୭ | କାଳ, ବେଳ ଓ ବେଲୁନ୍ | ୮ |
| ୮ | ଯାହାକୁ ଯିଏ | ୮ |
| ୯ | ଏଇ ମୋ ଓଡିଶା ଭୂଇଁ | ୯ |
| ୧୦ | ପ୍ରସ୍ତୁତି | ୧୦ |
| ୧୧ | ଭିକ୍ଷୁ | ୧୦ |
| ୧୨ | ଆରାଧନା | ୧୧ |
| ୧୩ | ପାଟ | ୧୨ |
| ୧୪ | ବାସନ୍ତୀର ଗାଁ | ୧୨ |
| ୧୫ | ପାଷାଣରୁ ମଣିଷ ପର୍ଯ୍ୟନ୍ତ | ୧୨ |
| ୧୬ | ଡାଏରୀ | ୧୩ |
| ୧୭ | ବନ୍ଧନ | ୧୫ |
| ୧୮ | ଆମ ଗାଁ ହାଲ୍‌ଚାଲ୍ | ୧୬ |
| ୧୯ | ଚାରିପଦିଆ କବିତା ଗ୍ରୀଷ୍ମର | ୨୦ |
| ୨୦ | ଜଗନ୍ନାଥଙ୍କ ସ୍ନାନଯାତ୍ରା | ୨୦ |

ବୁଡିଆଣୀ ଜାଲରେ ଜଳବିନ୍ଦୁର ଅପୂର୍ବ ଦୃଶ୍ୟ



## ସଂପାଦକୀୟ

ଜୁନ୍ ମାସର ନିଦାଘ ଖରାରେ, ଜନଜୀବନ ଅସ୍ତବ୍ୟସ୍ତ ହୋଇପଡୁଥିବା ସମୟରେ ବିଶ୍ୱର କୌଣସି କୋଣରେ ଏକ ନିଭୃତ ଶୀତତାପ ନିୟନ୍ତ୍ରିତ କୋଠରୀରେ ବସି କଂପ୍ୟୁଟରର ଦୃଶ୍ୟପଟଳ ଉପରେ ଏହି ପୁସ୍ତିକାକୁ ଉପଭୋଗ କରୁଥିବା ପ୍ରତ୍ୟେକ ଓଡିଆ ମାନଙ୍କୁ ମୁଁ ଅଭିନନ୍ଦନ ଜଣାଉଛି । ଗ୍ରୀଷ୍ମଛୁଟି ଉପଭୋଗ୍ୟ ନହେଲେ ବି କଷ୍ଟଦାୟକ ନୁହେଁ । ଅନ୍ତତଃ ବିଦ୍ୟାଳୟର ଛାତ୍ର ଛାତ୍ରୀଙ୍କ ପାଇଁ ଏହା ଏକ ଆନନ୍ଦର ସମୟ, ଅବଶ୍ୟ ଖରାଦିନିଆ ପ୍ଲେସ୍କୁଲ୍ ଆଉ ଅନେକ ସମର୍ ସ୍କୁଲ୍ ଯୋଗୁଁ ବ୍ୟସ୍ତ । ଓଡିଶାର ବାତାବରଣ ଶାନ୍ତ ଓ ନିର୍ବିକାର ।

କ୍ରମାଗତ ଜଙ୍ଗଲକ୍ଷୟ ଯୋଗୁଁ ବଢୁଥିବା ଉତ୍ତାପ, ଓଡିଶାର ବାତାବରଣକୁ ଗରମ କରୁଥିବା ବେଳେ ମନ୍ତ୍ରୀଙ୍କ ଭାଷଣରେ ପ୍ରତିଦିନ ଷୋହଳ ବର୍ଗ କିମି ଜଙ୍ଗଲ ବଢୁଥିବା ଖବର ମନକୁ ଆହୁରି ଅଧିକ ଗରମ କରିପକାଏ । ଚଳିତବର୍ଷ ଅଂଶୁଘାତ ଜନିତ ମୃତ୍ୟୁ ସଂଖ୍ୟା ନଗଣ୍ୟ, ଏହାର କାରଣ ଓଡିଶାର ଜଳବାୟୁରେ ଦେଖାଦେଇଥିବା ଅପେକ୍ଷାକୃତ ଶାନ୍ତି । ଅବଶ୍ୟ ଦିନବେଳର ତାପମାତ୍ରା ଅତ୍ୟଧିକ ଥାଏ, ତଥାପି ଦିନ ଯାଉ ଯାଉ ହଠାତ୍ ଓଡିଶାର ଆକାଶ ମେଘାଛନ୍ନ ହୋଇପଡିବା ଏକ କାରଣ ଥିଲା, ଖରାଛୁଟିକୁ ଉପଭୋଗ କରିବା ପାଇଁ । ଓଡିଶାର ଅନେକ ସ୍ଥାନରେ ଘଡଘଡି ସହ ବର୍ଷା ଓ ତୋଫାନ୍ ଗ୍ରୀଷ୍ମର ଉତ୍ତାପକୁ ଥଣ୍ଡା କରିଦେଇଥିଲା ।ରାଜନୀତି ଦୃଷ୍ଟିରୁ ଅପେକ୍ଷାକୃତ ଶାନ୍ତ ଓଡିଶା, ଏହି ଦୁଇ ତିନି ମାସ ଯେମିତି ଖବରରୁ ଦୁରେଇ ଯାଏ, ଯେତେବେଳେ ଜନମାନସ କେବଳ ଘର ଭିତରେ ହିଁ, ବାନ୍ଧି ହୋଇ ରହନ୍ତି । ଦୁଇ ତିନି ହାତର ଲମ୍ବା ଘରେ ପଟିଟିଏ ପକାଇ ଦେଇ ଲେମ୍ବୁ ପଖାଳ ଆଉ ଶୁଖୁଆ ଖଣ୍ଡେ ଖାଇ ଶୋଇଯିବାର ଆନନ୍ଦ ଅନେକ ଏହି ଦିନ ମାନଙ୍କରେ ହିଁ ଅନୁଭବ କରିଥିବେ ।

Nyasa Nabodita Presents

# ଆହ୍ୱାନ

ଦ୍ୱିତୀୟ ବର୍ଷ
ପଞ୍ଚମ ସଂଖ୍ୟା
Vol: 2 Issue: 5
June 2007

ଓଡିଶାର ପ୍ରଥମ ଏବଂ ଏକମାତ୍ର ମାସିକ ସାହିତ୍ୟିକ ଇ-ପତ୍ରିକା

Visit our website today for more feature rich presentations and informations. http://aahwaan.5gbfree.com/

ବିଗତ ମାସରେ ହୋଇଥିବା ଆହ୍ୱାନ ପତ୍ରିକାର ୱେବ୍‌ସାଇଟ୍‌ର ନବକଳେବର ପରେ ଅନେକ ଶୁଭେଚ୍ଛୁଙ୍କ ବାର୍ତ୍ତା ପାଇ ଭାରି ଖୁସି ଲାଗିଲା। ଭବିଷ୍ୟତରେ ଏହି ୱେବ୍‌ସାଇଟ୍‌କୁ ଆହୁରି ଅଧିକ ଭଲଭାବରେ ଗଢିତୋଳିବାର ଲକ୍ଷ୍ୟ ରଖିଛି। ଚଳିତ ସଂସ୍କରଣକୁ କବିତା ବିଶେଷାଂକ ଭାବରେ ରୂପାନ୍ତରଣ କରିବା ଲକ୍ଷ୍ୟ ରଖି, ଏଥିରେ ଅନେକ ଗୀତିକବିତାର ସମାହାର ଉପସ୍ଥାପନ କରିଛି। ଆଗାମୀ ଦିନମାନଙ୍କରେ ମଧ୍ୟ କବିତା ସଂଖ୍ୟା ଅଧିକ କରିବା ପାଇଁ ଚେଷ୍ଟା କରାଯିବ।

ଶେଷରେ ଭଗବାନଙ୍କ ଆଶୀର୍ବାଦ ସମସ୍ତଙ୍କ ଉପରେ ଥାଉ ଏହି ଆଶା କରି ଉପସ୍ଥାପନ କରୁଛି, ଜୁନ୍ ମାସର ଆହ୍ୱାନ।

## ହେଲେ ସନ୍ଧ୍ୟା

**କୃପାସିନ୍ଧୁ ପ୍ରଧାନ (ଟୁକୁ)**

ଆହେ ସନ୍ଧ୍ୟା
ତୁମେ ଆସ
ଥରେ ମାତ୍ର ଆସ (୨ଥର)
ପୁଣି
ଜଲ୍‌ଦି ଜଲ୍‌ଦି ଆସ
ସପନ ସବାରୀ
ଆଉ
ଖୋଲା ଆକାଶର ତଳେ
ପ୍ରିୟ
ପାଉଁଜିରେ ତୁଠେ
ଆସନ ଜମାଇ ବସ
ହେଲେ ସନ୍ଧ୍ୟା, ତୁମେ ଆସ ଜଲ୍‌ଦି ଆସ। ୧

ସନ୍ଧ୍ୟା
ସନ୍ଧ୍ୟା ଆସ
ଆମ ଅଗଣା ଦୁଆରେ (୨ଥର)
ଫୁଲ ଝୁଲଣାଟା ଖାଲି
ଫୁଲ ସବାରୀଟା ଖାଲି
ଆକାଶଟା ମିଟି ମିଟି
ଅଝୁଲା ନିଦରେ (୨ଥର)
ଚୁନା ଚୁନା ସପନରେ
ସାଧବ ବୋହୁରେ ଆସ
ହେଲେ ସନ୍ଧ୍ୟା (୨ଥର)
ତୁମେ ଆସ, ପୁଣି ଆସ
ହେଲେ, ଜଲ୍‌ଦି ଜଲ୍‌ଦି ଆସ। ୨

ତୁମେ ସନ୍ଧ୍ୟା (୨ଥର)
ଏବେ ବି ଖୋଲା ଅଛି (୨ଥର)
ହୃଦୟ ରାଜ ଉଆସ
ଦାଣ୍ଡ ଅଗଣା ସବାରୀ
ସମାଜ ସୁଦୁ ନିଆରା
ତୁ ଆସିବା ପରେ। ରାତି
ସକାଳକୁ ଯିବି ଚାଲି
ମାନସୀର ଅବିଶ୍ୱାସ
ହେଲେ ସନ୍ଧ୍ୟା
ତୁମେ ଆସ, ପୂର୍ବପରି ଆସ,
ଯେମିତି ଆସୁଛ ଆସ
ହେଲେ ଜଲ୍‌ଦି ଜଲ୍‌ଦି ଆସ। ୩

କହୁଆ, ରାଜନଗର, କେନ୍ଦ୍ରାପଡା, ଓଡିଶା, ୭୫୪୨୨୫
ଇ-ମେଲ୍: dr.kpsp@yahoo.co.in

## ଦୁଇଟି କ୍ଷୁଦ୍ର କବିତା

### ବର ବେଶରେ ବସନ୍ତର ଆଗମନ

**ବଟକୃଷ୍ଣ ନାଥଶର୍ମା**

ବସନ୍ତବର ଆଗମନ ଖବର ଚ୍ୟୁତ ବନେ ଦୂତ ଗାଇଲା
ମଙ୍ଗଳ ମହୂରୀ ମଧୁର ମୂର୍ଚ୍ଛନା ଉନ୍ମତ୍ତ ଭୃଙ୍ଗ ବଜାଇଲା
ଧରଣୀ ହଳଦିବସନ୍ତ ବସନା
କଜଳପାତି ମୁହଁମୁହିଁ ବସନ୍ତେ ଧରୀତ୍ରି କଜ୍ଜ୍ୱଳଦର୍ଶନା। ୧

ମଧୁକର ମଧୁ ପାନୀୟ ସୁସ୍ୱାଦୁ ସଂରକ୍ଷଣରେ ତନାଘନା
ବରଯାତ୍ରୀ ସ୍ୱାଦ ଖାଦ୍ୟ, ଲାଳାୟିତ ପାରିଜାତ ଲୋଳ ରସନା
ଶୋଭାରେ, କେତେ ଗୋଡି ବାଣ ଫୁଟିଲା

Nyasa Nabodita Presents

ଆହ୍ୱାନ

ଦ୍ୱିତୀୟ ବର୍ଷ
ପଞ୍ଚମ ସଂଖ୍ୟା
Vol: 2 Issue: 5
June 2007

ଓଡିଶାର ପ୍ରଥମ ଏବଂ ଏକମାତ୍ର ମାସିକ ସାହିତ୍ୟିକ ଇ-ପତ୍ରିକା

Visit our website today for more feature rich presentations and informations. http://aahwaan.5gbfree.com/

ପଞ୍ଚବାଣ ଅପ୍ରମାଣ ଘେନି ପୁଣି ମଦନ ବାଣୁଆ ଭେଟିଲା । ୨
କାଶତଣ୍ଡି, ସର, ଛାମୁଁରେ ଚାମର ଡାଳେ ମନ୍ଦ ମନ୍ଦ ମଳୟ
ନାଚେ ମରିଚିକା ଛାତିରେ ଛନାକା ଛପାଇ ଚୌଦିଗ ବଳୟ
ବଉଳବାସେ ଚହଟିଲା ଧରଣୀ
କୃଷ୍ଣଚୁଡା ଗଭା ଶୋଭା ମନଲୋଭା ବିମ୍ବ ଦେଖାଏ ପୁଷ୍କରିଣୀ । ୩

ବସନ୍ତ ସମ୍ରାଟ ପଟୁଆର ଥାଟ ଯୁବ ଜଗତକୁ ମୋହିଲା
ଅ, ସୁ, ମାର ବାଣ ବିଦେଶୀ ବିଦଗ୍ଧ ବିଚ୍ୟୁତ ପ୍ରମାଦ ହୋଇଲା
ମାଧବ ମାଧବୀ କୁଞ୍ଜରେ ଶୋଭିତ
ମଧୁପରସରେ ପରୀବେଶ ପରି ପରିବେଶ ସତ ଗୁଣିତ । ୪

ନାନା ଫୁଲଝରି ଦିଗ ଚହଟିଲା ମନୋହର ଚନ୍ଦ୍ର ଉଦିଆ
ସ୍ୱାଗତଂ ସ୍ୱାଗତଂ ମୁଣ୍ଡ ଟୁଙ୍ଗାରିଲା କୃକଲାସ ବଡ ବୁଦ୍ଧିଆ
ତାଣିରେ ରଙ୍ଗ ପାଟ ଶାଢୀ ବାନ୍ଧିଲେ
ନିନ୍ଦୁକ କାକର ଶ୍ରୀହୀନ ସ୍ୱଭାବେ ଭଳି ନିଜଭାଗ୍ୟ ନିନ୍ଦିଲେ । ୫

ଅର୍ଥାନ୍ତର

୩- ବଉଳ ଫୁଲ ସୁବାସରେ- ବଉଳ ପାଟ ବାସକି, ବସ୍ତ୍ରରେ
୪- ଅସୁମାର- ଅସଂଖ୍ୟ, ଅସୁମାରକି, କନ୍ଦର୍ପ, ବିଦେଶୀ- ପ୍ରବାସୀ, ବିଦେଶୀ, ଆକାଶ ରାଜ୍ୟରେ, ଆକାଶରୁ ଖସି ମୁଣ୍ଡରେ ପଡିବା ପ୍ରମାଦ ହେଲା
ବିଦେଶରେ ଥିବା ନାୟକ, ବିଚ୍ଛେଦ ଜ୍ୱାଳାରେ ପ୍ରମାଦ ହେଲା
ମାଧବ- ବସନ୍ତ ମାଧବୀଲତା କୁଞ୍ଜରେ ଶୋଭା ପାଇଲା ।
ମାଧବ- କୃଷ୍ଣ, ମାଧବୀ- ରାଧା କୁଞ୍ଜିରେ ଶୋଭିତ ହେଲେ
୪- ନାନା ଫୁଲଝରି- ବିଭିନ୍ନ ଫୁଲ ଝରି ବାଣ
ନାନା ଫୁଲ ଝରି- ବିଭିନ୍ନ ଫୁଲ ଝରି ପଡି
ଚନ୍ଦ୍ର ଉଦିଆ- ଉଦୟ ଚନ୍ଦ୍ରରେ ମନୋହର
ଚନ୍ଦ୍ରଉଦିଆ- ଚନ୍ଦ୍ର ଉଦିଆ ବାଣରେ ମନୋହର

## ଶ୍ଲୋକ ନୁହେଁ ସତର୍କ

ବାପା ମାଆ, ପଞ୍ଜରାରେ ଡାଡି ମାମି ଷ୍ଟାଡିୟମ୍
ବିଦ୍ୟାଳୟ ସମାଧୀରେ ଇଂଲିଶ୍ ମିଡିୟମ୍
ନକ୍ସଲ ଆକ୍ରୋଶରେ ଥାନା ଫାଣ୍ଡି ନାକେଦମ୍
ଇଣ୍ଡଷ୍ଟ୍ରି ନିର୍ମାଣ ଚିନ୍ତାରେ ନେତାମାନେ ବେଦମ ।
ଗୋଷ୍ଠିକନ୍ଦଳ ଦ୍ୱନ୍ଦରେ ଫରକ୍ଟା କଦମ
ସଭାସମିତିରେ ଦେଖ ଭାବମୂର୍ତ୍ତି ଏକ୍‌ଦମ
ମୋବାଇଲ୍ ସବୁଆଡେ ମୁହଁର ଲଗାମ
ଆସେମ୍ବ୍ଲି ପାର୍ଲିଆମେଣ୍ଟରେ ହଟ୍ଟଗୋଳ ଧମାଧମ୍
କୋଷ୍ଟିନ୍ ଆନ୍‌ସର୍ ରୋଲ୍ ଗୋଲ୍‌ଗୋଲ୍ ଆଳୁଦମ୍
ଏବେ ଯେ ଶେଷରେ କି ହେଲା, କୁହ ତ ସଦାମ୍?

ଅବସରପ୍ରାପ୍ତ ଶିକ୍ଷକ
ଗୋପାଳପୁର, ମାହାଙ୍ଗା
କଟକ, ଓଡିଶା

## ଦୁର୍ଘଟଣା

ଡ ଜ୍ୟୋତି ପ୍ରସାଦ ପଟନାୟକ,

ଦୌଡି ଦୌଡି କୁନା ନୟାନ୍ତ ହୋଇଗଲାଣି, ପିଲାଟା କାହିଁ କୁଆଡେ ଦିଶୁନି । ତା' ମନକୁ ପାପ ଛୁଉଁଛି ସତ କିନ୍ତୁ ନିଜକୁ ନିଜେ ସାହସୀ କରି ସେ ଅନ୍ୟ ଆଡକୁ ଧ୍ୟାନ ଦେଉଛି । ପଡିଆ ସାରା ଦେଖି ଆସିଲା ବାବୁଲାର କାହିଁ ଚିହ୍ନ ବର୍ଣ୍ଣ ନାହିଁ । କୁନାକୁ କାନ୍ଦ ଲାଗିଲା, ହେଲେ ସେ କାନ୍ଦିବା ପାଇଁ ସମୟ କାହିଁ? କାଲେ ବାବୁଲା ପଡିଆ ବାହାରେ ଆଇସ୍‌କ୍ରିମ୍ ଖାଉଥିବ ଭାବି ସେ ଆସିଲା ହେଲେ ସେଇଠି ବି ପାଇଲା ନାହିଁ । ସଞ୍ଜ ହେଲାଣି, ତେଣେ ଘରେ ବାବୁମା ଖୁବ୍ ରାଗିବେ, ମାରିବେ ମଧ୍ୟ । ବାବୁ ଯାହେଲେ ଭଲ ଲୋକ, ଟିକେ ରାଗିବେ କିନ୍ତୁ ମା' ଭାରି ଖରାପ, ଜମା ଛାଡିବେନି, ବେତରେ ପ୍ରହାର ମାରି ମାରି ତା' ପିଠିରୁ ଛାଲ ବାହାର କରିଦେବେ । ଘରକୁ ଗଲେ ବୋଉକୁ କ'ଣ କହିବ? ଏମିତି ଅନେକ ଚିନ୍ତା ତା' ମନକୁ ଆସି ତାକୁ ଆହୁରି ଦୁର୍ବଳ କରି ପକାଇଲା । ପଡିଆ ବାହାରେ କାଛଉପରେ ବସି କାନ୍ଦୁ କାନ୍ଦୁ କେତେବେଳେ ନିଦ ଆସିଗଲା ସେ ଜାଣିପାରିନଥିଲା ।

ପିଲା ଲୋକ ତା' ବୟସ ବା କେତେ, ଏଇ ଦଶ କି ବାର ହେବ! ଘରେ ମଦୁଆ ବାପା ଆଉ ବାରଘରେ କଂସାବାସନ ମାଜି ଘର ଚଳାଉଥିବା ମା'ର ଚାରି ସନ୍ତାନ ଭିତରେ ସବୁଠାରୁ ସାନ ସେ । ପାଠ କ'ଣ ଜାଣିବା ଆଗରୁ ବୋଉ ତା'ର ନାଁ ଏଇ ବାବୁଙ୍କ ଘରେ ଲଗେଇଦେଲା, ଚାକର

ଭାବରେ। ଦିନରେ ଓଳିଏ ଭାତିଆ ସାଙ୍ଗକୁ ମାସକୁ ଶହେ ଟଙ୍କା। ବାସ ପାଠ ବସ୍ତାନିର ମୁହଁ ଦେଖିନି କୁନା। ସବୁ ପିଲାପରି ସେ ବି ଖେଳିବଡିଛି ସତ, ହେଲେ ତା'ଭାଉ କାହିଁରେ କ'ଣ। ବଡଘରେ କାମ କରୁଛି, ପ୍ରତିଦିନ ନୂଆ ନୂଆ ଖାଦ୍ୟ ଖାଉଛି ବୋଲି ସେ ବି ଟିକେ ଖାନ୍‌ଦାନୀ ଦିଶୁଛି। ବାବୁଙ୍କ ଘରେ କିଛି କାମ ନାହିଁ, ସବୁଠିକି ନୌକର ଚାକର ମାଳ ମାଳ। ବାବୁ ବଡ ଅଫିସର୍। ସକାଳୁ ଯାଆନ୍ତି ଯେ ଦିନ ଦି'ପହରକୁ ଆସନ୍ତି। ପୁଣି ଖାଇଦେଇ ଯାଆନ୍ତି ଆଉ କେତେବେଳେ ଆସନ୍ତି କୁନା ଦେଖିନି, କାରଣ ସଞ୍ଜପରେ ତା ଡ୍ୟୁଟି ଖତମ୍। ମା' ସାଆନ୍ତାଣୀ ଭାରି ରାଗୀ କଥା କଥାରେ ଫିଙ୍ଗା ଫୋପଡା କରନ୍ତି। ଚାକର ମାନଙ୍କ ଉପରେ ରାଗିଲେ, ମୋଟା ବେତରେ ପିଠିରୁ ଛାଲ ବାହାର କରି ଦିଅନ୍ତି। ଦିନସାରା ଘରଟାରେ ଏପାଖ ସେପାଖ ହୁଅନ୍ତି। ମୁହଁରେ କେବେ କେବେ ଧଳାମାଟି ଲଗେଇ ଭୂତ ଭଳି ବି ଟହଲ ମାରନ୍ତି। ପ୍ରତିଦିନ ନୂଆ ଇସ୍ତ୍ରୀମରା ଶାଢୀ ପିନ୍ଧନ୍ତି। ବାବୁ ଅଫିସ୍ ଗଲାପରେ ମା'ଙ୍କ ଯାତ୍ରା ଜମେ। କେତେ ବଡ ଘର ସ୍ତ୍ରୀ ମାନେ ଆସି ବସନ୍ତି, ଏକାଠି ତାସ୍ ଖେଳନ୍ତି। ଆଉ ବାକି ରହିଲେ ସାନବାବୁ, ବାବୁଲା। ବୟସ ସବୁ ପାଞ୍ଚବର୍ଷ। ମାତ୍ର ଭାରି ସିଆଣିଆ। ବଡ କନ୍‌ଭେଣ୍ଟ୍ ସ୍କୁଲ୍‌ରେ ପାଠ ପଢନ୍ତି। ଏବେ ତ ସେ ଇଂଲିସ ବି କହିବା ଆରମ୍ଭ କଲେଣି। ବାବୁଲା ବାବୁଙ୍କ କଥା ଭାବୁଭାବୁ ହଠାତ୍ କୁନାର ନିଦ ଭାଙ୍ଗିଗଲା। ଦେଖିଲା, ପାଖରେ ପୁଲିସ୍ ଠିଆ।

କୁନାକୁ ଦେଖି ଦରୋଗା କହିଲା, 'ହଇରେ ଟୋକା। ତୋ ଘର କୋଉଠି? ଏଇଠି କାନ୍ଥିଟା ଉପରେ ଏମିତି ଶୋଇଛୁ କାହିଁକି? ତୁ ଯଦି ପଡିଯିବୁ କି ମରିଯିବୁ, କିଏ ଦାୟୀ ହେବ?'

କୁନା ଆଖିରୁ ଲୁହ ପୋଛି କହିଲା, 'ଏଁ, ସଞ୍ଜବେଳାରୁ ଏଇଠି ଖେଳୁ ଖେଳୁ ଶୋଇପଡିଥିଲି ଯେ....... ମୋ ଘର ଏ ପାଖରେ ମୁଁ ଯାଉଛି, କହି ସିଧା ଚିଟିକାରି ମାରି ଧାଇଁଲା। ପଛରୁ ପେଟୁ ଦରୋଗାର ହସ ଶୁଭୁଥିଲା। ଘର ପାଖ ହେଲା ବେଳକୁ ଦେଖିଲା, ତା ଘର ସାମନାରେ ବାବୁଙ୍କ ଜିପ୍। କୁନା କାନ୍ଥ ପାଖରେ ଲୁଚିଗଲା। ତା'କୁ ସଞ୍ଜ ବେଳର ସବୁ ଘଟଣା ମନେ ପଡିଗଲା। ତା' ଘରେ ଡିବିରି ବତୀରେ ବାବୁଆଣୀ ପଦଚାରଣ କରୁଥିବା ସେ ଦେଖିପାରିଲା। ଏମିତିକା ସେ କେବଳ ରାଗିଲେ ହିଁ କରନ୍ତି। ସେ ପାଟି କରି କହୁଥିଲେ, 'କେଡେ ଅସୁବିଧା

କଥା। କି ପିଲାଟା ଦେଖ। ଟିକେ ବି ବାପାମା'ର ଖାତିର ନାହିଁ।' ଆଉ କିଛି ଶୁଣିବା ପୂର୍ବରୁ କୁନା ଧାଇଁଲା ଯେ ଯାଇ ସିଧା ପହଞ୍ଚିଗଲା ଷ୍ଟେସନରେ। ଠିଆହୋଇଥିବା ଗୋଟେ ରେଳଗାଡିରେ ପଶିଗଲା। ଆଉ ତା'ପରେ ଗାଡି ଯୁଆଡେ ଗଲା, ସେ ଜାଣିନି। ଦୁଇଦିନ ପରେ ନିଜକୁ ସେ ଆବିଷ୍କାର କଲା, ଦିଲ୍ଲୀରେ।

ଏତେବଡ ସହର ଦେଖି ତା' ଆଖି ଖୋସି ହେଇଯାଇଥିଲା ସତ, କିନ୍ତୁ ପେଟର ଭୋକ ତା'କୁ ଅଧିକ ବିକଳ କରି ଦେଉଥିଲା। ଏଇ ସହରରେ ମାଗଣାରେ ଆଉ ବସି ଖାଇବାକୁ ପାଇବ ନାହିଁ, ବୋଲି ସେ ଜାଣି ସାରିଥିଲା। ସେ ଯା'ହେଉ ରାସ୍ତାରେ ତା' ଭଳି ବୁଲୁଥିବା ଦି ଜଣ ପିଲାଙ୍କ ସହ ଖଣ୍ଡି ହିନ୍ଦୀରେ କଥା ହେଇ ଖାଇବା ପାଇଗଲା। ଆଉ ସଞ୍ଜ ହେଉ ହେଉ ରହିବା ପାଇଁ ଠିକଣାଟିଏ ବି। ତା'ପରେ ସେ କେତେ ଦିନ, ମାସ ବର୍ଷ ଏଇ ସହରରେ ବିତାଇଛି ସେ ବି ଗଣିନି। ହାଫ୍ ପ୍ୟାଣ୍ଟ୍ ଛାଡି ସେ ଫୁଲ୍ ପ୍ୟାଣ୍ଟ୍ ପିନ୍ଧିଲାଣି। ଦିଲ୍ଲୀ ଷ୍ଟେସନ୍‌ରେ ସେ ଏବେ ଗାଇଡ୍ ଭଳି କାମ କରୁଛି। ବାହାରୁ ଆସୁଥିବା ଯାତ୍ରୀ ମାନଙ୍କୁ ବିଭିନ୍ନ ହୋଟେଲ୍‌ରେ ରଖାଇ ଯାହା କମିସନ୍ ପାଉଛି, ସେଥିରେ ପେଟ ପୁରିବା ସହିତ ପକେଟ୍ ବି ଭରୁଛି। ହେଲେ ଦିନେ ବି ସେ ଶାନ୍ତିରେ ଶୋଇନି। ରାତି ହେଲେ ତାକୁ ସାନବାବୁଙ୍କ ଚେହେରା ଦେଖାଯାଉଛି। ସେ ବିକଳ ହୋଇ ଚିତ୍କାର କରି ନିଦରୁ ଉଠି ପଡୁଛି।

ସମସ୍ତେ ଜାଣନ୍ତି ତା'କୁ। ସେ ଆଉ କୁନା ନାହିଁ। ତା ନାଁ ବଦଳି ଯାଇଛି। ଏବେ ସବୁତାକୁ ହାଫ୍ ନାଁରେ ଜାଣନ୍ତି। କାରଣ ସେ ଯେତେବେଳେ ଦିଲ୍ଲୀରେ ପାଦ ଦେଇଥିଲା, ଗୋଟିଏ ଚା' ଦୋକାନରେ ଚା ସପ୍ଲାଇ କରୁ କରୁ ହାଫ୍ ଫୁଲ୍ ପଚାରି ପଚାରି ସେ ନାଁଟି ନିଜପାଇଁ ବାଛି ନେଇଛି। ସକାଳୁ ସକାଳୁ ଅବଶ୍ୟ ଏବେ ସେ ଆଉ ଚା

ସପ୍ଲାଇ କରୁନାହିଁ । ନିଜ ବସ୍ତିରେ ଅନ୍ୟମାନଙ୍କ ତୁଳନାରେ ଅଧିକ ଆୟ୍ କରୁଛି । ଆଉ ବେଳେ ବେଳେ ଇଂରାଜୀ, ହିନ୍ଦୀ, ବଙ୍ଗାଳୀ ସବୁ ଭାଷାରେ କଥା ବି ହେଉଛି ।

ଦିନେ ସକାଳୁ ଦିଲ୍ଲୀ ଷ୍ଟେସନ୍‌ରେ ଡ୍ୟୁଟି କରୁଥିବା ସମୟ୍‌ରେ ପ୍ଲାଟ୍‌ଫର୍ମ ତଳେ କାକୁଡିହୋଇ ପଡିଥିବା ଗରୀବ ସ୍ତ୍ରୀ ଲୋକଟିଏକୁ ଦେଖି, ନିଜ ମା' କଥା ମନେ ପଡିଯାଇଥିଲା ତା'ର । ଅନେକ ବର୍ଷ ବିତି ଯାଇଛି । ତା' ମା' କଣ ତାକୁ ଆଉ ଚିହ୍ନିବ? ସେ ଯେଉଁ କୁଡିଆ ଘରେ ରହୁଥିଲା, ଏବେ କଣ ସେ ଘର ଆହୁରି ଥିବ? ବାବୁ ମା' ତା ବାପା ମା'କୁ କଣ ସଜା ଦେଇଥିବେ? ନିଶ୍ଚୟ୍ ପୋଲିସ୍‌ରେ ଦେଇଥିବେ । ତା' ମା'କୁ କେତେ କଷ୍ଟ ହୋଇନଥିବ ସତେ! ସେ ଭାରୀ ଅସହଜ ହୋଇ ଉଠୁଥିଲା । ନିଜକୁ ସମ୍ଭାଳିବାକୁ ଚେଷ୍ଟାକରି ବିଫଳ ହୋଇଥିଲା । ବ୍ୟାଗ୍‌ପଟା ବାନ୍ଧି ସେ ବାହାରି ପଡିଲା, ନିଜ ସହରକୁ । ବହୁତ ବର୍ଷର ସ୍ମୃତିକୁ ସେ ସାଇତି ରଖିଥିଲା । ଦୁଇଦିନର ଯାତ୍ରା ପରେ ନିଜ ସହରରେ ପାଦଦେଉ ଦେଉ ଷ୍ଟେସନ୍ ବାହାରେ ଦେଖାହୋଇଥିଲା ତା' ମା' । ଜୀର୍ଣ୍ଣଶୀର୍ଣ୍ଣ ଶରୀରରେ ଅସ୍ଥିକଙ୍କାଳର ଛାଞ୍ଚଟିଏକୁ ଧରି ଷ୍ଟେସନ ବାହାରେ ରାସ୍ତାକଡରେ କନାଟିଏ ପକାଇ ଭିକ ମାଗୁଥିଲା ତା' ମା' । ସେ କାନ୍ଦି ପକାଇଲା ।

ଆଖି ମଳିମଳି ନୂଆ ଲୋକଟିଏକୁ ଭିକ ମାଗିବାପାଇଁ ହାତ ବଢାଉ ବଢାଉ କୁନାବୋଉର ହାତ ଅଟକି ଗଲା । ଅଜଣା ଅପରିଚିତ ପରି ଲାଗୁଥିବା ଲୋକଟିକୁ ସେ ଚିହ୍ନିପାରୁଥିଲା । ଆଖିରେ ଦୁଇଧାର ଲୁହଧରି କହିଲା, 'ତୁ ଆସିଲୁରେ କୁନା? ଦେଖେ ଆମେ ସବୁ କେମିତି ଅଛୁ, ଦେଖେ ।' କୁନା କିଛି କହିପାରୁ ନଥିଲା । ସେ ଆଖିରୁ ଲୁହଧାର ପୋଛିଲା ବେଳକୁ ଦେଖୁଥିଲା, ଆଉ କିଛି ଦୂରରେ ତା ଭାଇଭଉଣୀ ଅନୁରୂପ ଅବସ୍ଥାରେ ଭିକ ମାଗି ବସିଛନ୍ତି । ସେମାନଙ୍କର ଏପରି ଅବସ୍ଥା ଦେଖି ତା'କୁ କାନ୍ଦ ଯେତିକି ଲାଗୁଥିଲା, ତା'ଠୁ ଅଧିକ ଆଶ୍ଚର୍ଯ୍ୟ ଲାଗୁଥିଲା । ସେ କିଛି ବୁଝିପାରୁନଥିଲା, ତା ଭାଇ କହୁଥିଲା, 'କୁନାରେ, ତୁ ଏମିତି କରିବୁ ବୋଲି ଆମେ କେବେ ସ୍ୱପ୍ନରେ ଭାବିନଥିଲୁ । ଯୋଉ ବାବୁ ମା ତୋତେ ଖୁଆଇ ପିଆଇ ରାଜଉଆସରେ ରଖାଇଲେ, ସେଇ ବାବୁଙ୍କ ବିଶ୍ୱାସରେ ତୁ ବିଷ ଦେଲୁ । ସାନବାବୁଙ୍କୁ ବୁଲାଇବାକୁ ନେଇ ତାଙ୍କ ବେକରୁ ସୁନାହାର ଚୋରୀକରି ପଳାଇଲୁ?'

କୁନାର ଛାତିଭିତରେ ବିସ୍ଫୋରଣ ହେଉଥିଲା । ସେ କହିଲା, 'କ'ଣ ହେଲା ସୁନା ହାର? ମୁଁ ଚୋରୀ କରିଥିଲି? କିଏ କହିଲା?' ସବୁ ଘଟଣା ଶୁଣିଲା ପରେ ସେ ଧାଇଁଯାଇଥିଲା ବଡବାବୁଙ୍କ ଘରକୁ । ବାବୁ ତ ନଥିଲେ କିନ୍ତୁ ବାବୁଆଣୀଙ୍କ ଆସର ପୂର୍ବବତ ଜମିଥିଲା । ସିଧା ଘର ଭିତରେ ପ୍ରବେଶକରି ସେ କହୁଥିଲା, 'ମା' ସାଆନ୍ତାଣୀ, ସାନବାବୁଙ୍କ ବେକରୁ ହାର ମୁଁ ଚୋରେଇ ନେଇନି ।' ବାବୁଆଣୀଙ୍କର କୁନାକୁ ଦେଖି ହୋସ୍ ଉଡିଗଲା । 'ସେଦିନ ସନ୍ଧ୍ୟାରେ ସାନବାବୁଙ୍କୁ ଧରି ପଡିଆରେ ବୁଲାଇ ଆଣିବି ବୋଲି ନେଇଯାଇଥିଲି, ସଞ୍ଜ ହେଲାପରେ ବାବୁଙ୍କୁ କୋଉଠି ପାଇଲିନି, ଆଉ ଆପଣଙ୍କ ବେତର ଭୟ୍‌ରେ ମୁଁ ଟ୍ରେନ୍‌ରେ ପଳାଇଥିଲି ।'

ବାବୁଆଣୀ ଚିଲ୍ଲେଇକରି ଦରୱାନ୍‌କୁ ଡକାଇଲେ । କହିଲେ ଏହି କ୍ଷଣି ଏହି ଦୁଷ୍ଟକୁ ପୋଲିସରେ ଦିଅ । ଚୋର ଖଣ୍ଟ ମାନଙ୍କ ପାଇଁ ମୋ ଦ୍ୱାର ସବୁବେଳେ ବନ୍ଦ । ବାରମ୍ବାର ଚୋର ବୋଲି ଶୁଣି ଶୁଣି କୁନାର ରକ୍ତ ତାତିଉଠିଲା । ସେ ଚିତ୍କାର କରି କହୁଥିଲା, 'ମା' ସାଆନ୍ତାଣୀ, ଭୟ୍ କର । ଧର୍ମ ବୋଲି ଜଣେ ଅଛି । ଏବେ ନହେଲେ ବି ମଲାପରେ ଯମ ଦୁଆରେ ସେ ତୁମକୁ ପଚାରିବ । ସେ ସୁନାହାର ତୁମେ ଜୁଆରେ ହାରିନ? ସେଇ ମୋଟି ମାଡାମ୍ ଜଣେ ଯୋଉ ପାଖରେ ଠିଆ ହୋଇଚନ୍ତି, ତାଙ୍କୁ ପଚାର । ସେ ବି ତ ଥିଲେ ସେ ଦିନ, ଯୋଉ ଦିନ ମୁଁ ସାନବାବୁଙ୍କୁ ଧରି ବୁଲେଇ ନେଇଥିଲି । ଯିବା ପୂର୍ବରୁ ଆପଣା ବାବୁଙ୍କ ବେକରୁ ହାର ବାହାର କରିନଥିଲେ?' କୁନାର ଚିତ୍କାର ଅବଶ୍ୟ ଅଧିକ ଶକ୍ତିଶାଳୀ ନଥିଲା । ସେ ଆଉ କିଛି କହିବା ଆଗରୁ, ପୋଲିସ୍ ଆସି ତାକୁ ବାନ୍ଧିନେଇଥିଲା ।

ଥାନାରେ ପହଞ୍ଚିବାର କେଇ ଘଣ୍ଟାପରେ ବାବୁ ଆସିଲେ । ଦରୋଗା ସହିତ କଥା ହୋଇ କୁନାକୁ ମୁକୁଳାଇ ନେଇଗଲେ । କୁନା ସେଇକଥା ବାରମ୍ବାର କହୁଥିଲା, 'ବାବୁ

Nyasa Nabodita Presents

ଆହ୍ୱାନ

ଦ୍ୱିତୀୟ ବର୍ଷ
ପଞ୍ଚମ ସଂଖ୍ୟା
Vol: 2 Issue: 5
June 2007

ଓଡିଶାର ପ୍ରଥମ ଏବଂ ଏକମାତ୍ର ମାସିକ ସାହିତ୍ୟିକ ଇ-ପତ୍ରିକା

Visit our website today for more feature rich presentations and informations. http://aahwaan.5gbfree.com/

ମୁଁ ଚୋରୀ କରିନି । ମା' ମିଛ କହୁଛନ୍ତି ।' ବାବୁ କୁନାକୁ ଚାହିଁ କହିଲେ, 'ମୁଁ ଜାଣିଛି । ତୁମେ ଅନେକ ବର୍ଷ ପରେ ଘରକୁ ଫେରିଛ । ଯାଅ ତୁମ ମା' ତୁମ ଅପେକ୍ଷାରେ ଥାନା ବାରଣ୍ଡାରେ ବସିଛି ।'

କୁନା ଥାନା ବାରଣ୍ଡାକୁ ଆସି ତା' ମା'ର ହାତ ନିଜ ମୁଣ୍ଡକୁ ନେଇ କହୁଥିଲା, 'ବୋଉଲୋ ମୁଁ ଚୋରୀ କରିନି । ଏଇ ଦେଖ୍ ବଡବାବୁ ସେଇ କଥା କହୁଛନ୍ତି । ଦେଖେ ମୋତେ ଥାନାରୁ ମୁକୁଳେଇ ଆଣିଛନ୍ତି ।' କୁନା ବୋଉର ହାତ ତା' ମୁଣ୍ଡରୁ ଖସିପଡିଲା । ପାଖରେ ଠିଆ ହୋଇଥିବ ତା' ଭାଇଭଉଣୀ ବଡ ବିକଳରେ ଚିତ୍କାର କରି କହୁଥିଲେ, 'ବୋଉ, ତୁ ଆମକୁ ଛାଡି ଯାଇପାରିବୁନି ।' କୁନା ଦିଗ୍‌ହରା ହୋଇ ଆକାଶକୁ ଚାହିଁ ବସିଥିଲା ।

## ଏମିତି ବି ହୁଏ

ଖଡିରତ୍ନ କହିଥିଲେ, 'ବାବୁ, ବାହାଘର ପାଇଁ ଏତେ ଶୀଘ୍ରତା ଠିକ୍ ନାହିଁ । ତୁମ ପୁଅ ସବୁ ଚବିଶି ବର୍ଷର । ଏବେ ଏବେ ଚାକିରୀ କରିଛି, କାହିଁକି ବାହା କରିଦେବାକୁ ବସିଛ ? କୋଷ୍ଠି ମିଶୁନି, ବାହାଘରଟା କଲେ ଶୁଭାଶୁଭ ଫଳ ମିଳିବା ଆଶା କ୍ଷୀଣ । ହଁ ଅବଶ୍ୟ ଏତେ ଖରାପ ନ ହୋଇ ପାରେ ।' ରମେଶ୍ ଚିରାଚରିତ ଢଙ୍ଗରେ କହିଲେ, 'ଯାହା ତା ଭାଗ୍ୟରେ ଥିବ ହେବ । କନ୍ୟାପିତା ଅନେକ ଥର ଆସିଲେଣି କହିଲେଣି । ଶୀଘ୍ର ବିବାହ କାର୍ଯ୍ୟଟା ସାରିଦେଲେ ଭଲ ।'

ସେ ଯା'ହେଉ ଯାହ ଜଜମାନ୍‌ଙ୍କ ଇଛା କହି ଖଡିରତ୍ନେ ତାରିଖ ଆଉ ସମୟ ଠିକ୍ କରିଦେଲେ । ବଡ ଧୁମ୍‌ଧାମ୍‌ରେ ବିବାହ କାର୍ଯ୍ୟ ସମାପନ ହୋଇଗଲା । ବରଘରକୁ ଚର୍ଚ୍ଚା ଆଉ ଦିଆନିଆରେ କୌଣସି ପ୍ରକାର ବାଛବିଚାର କରିବାର ନଥିଲା । ସବୁଠିକୁ ସମ୍ମାନ କରିଦେଲେ କନ୍ୟାପିତା । ଗାଡି ଭର୍ତ୍ତିକରି ଧନଦଉଲତ ଓଜାଡି ଦେଲେ । ଏତେ ସବୁ ଦିଆନିଆ ଭିତରେ ଲୋକ ରୁନ୍ଧି ହୋଇପଡିଲେ ।

ନୂଆବୋହୁ ଘରେ ପାଦ ଦେଉ ଦେଉ ଅଘଟଣଟିଏ ଘଟିଗଲା, ସେ ବି ଏମିତି ସେମିତି ନୁହେଁ, ଭାରୀ ବଡ ଧରଣର ଅଘଟଣ । ବାହାଘର ବେଳେ ଆବଶ୍ୟକଠାରୁ ଅଧିକ ମାତ୍ରାରେ ସୁରକ୍ଷାକର୍ମୀ ମୁତୟନ ଦେଖି ବରପିତା ଅବଶ୍ୟ ସାମାନ୍ୟ ଚକିତ ହୋଇପଡିଥିଲେ, କିନ୍ତୁ ଯେହେତୁ କନ୍ୟାପିତ ଜଣେ ପୁଲିସ ଅଫିସର ତେଣୁ ବୋଧହୁଏ ସେ ବାହୁବଳର ପ୍ରଚାର ପାଇଁ ଏମିତିକା ବ୍ୟବସ୍ଥା କରିଥିବେ ଭାବି ବରପିତା ଚୁପ୍ ରହିଥିଲେ ।

ବାହାଘର ପରଦିନ ବୋହୁର ସବାରୀ ଦୁଆରେ ନ ଲାଗୁଣୁ, ଘଟିଲା ଏକ ଅସ୍ୱାଭାବିକ ପରିସ୍ଥିତି । ନବଯୁବକ ଜଣେ ଆସି ବରପିତାଙ୍କୁ ନିବେଦନ କଲା, ତା'ଙ୍କ ପୁତ୍ରବଧୂ ନିରୁପମାକୁ ତ୍ୟାଗ କରିବା ପାଇଁ, କାରଣ ସେମାନେ ପରସ୍ପରକୁ ଭଲ ପାଆନ୍ତି । ଏହା ଶୁଣି କୂଳକୁଟୁମ୍ବ ମୁହଁରେ କନାଦେଇ ହସିଲେ । କିଏ କିଏ କହିଲେ, ଆମ ପୁଅର ଭାଗ୍ୟ ଖରାପ, ସେକେଣ୍ଡ୍ ହେଣ୍ଡ୍ ମାଲ୍‌ଟେ ମିଳିଲା । ପିତା ତେଣେ ନିର୍ବାକ୍ । ପୁତ୍ରର କର୍ଣ୍ଣପଟଳରେ ଯେତେବେଳେ ଏହି ଖବର ପଡିଲା, ଆହତ ସିଂହପରି ଗର୍ଜନ କରିବାକୁ ଆରମ୍ଭକରୁ କରୁ ମୂର୍ଚ୍ଛା ହୋଇଗଲା । ଘର ଭିତରେ ସମସ୍ତେ ଚୁପ୍ ହୋଇଗଲେ । ବରପିତା ରମେଶ୍ ବାବୁ ସାଙ୍ଗେ ସାଙ୍ଗେ କନ୍ୟାପିତାଙ୍କୁ ଫୋନ୍ କରି ସମସ୍ତ ଘଟଣାର ବିବରଣୀ ଦେଇଦେଲେ । ଅଳ୍ପ ସମୟଭିତରେ ଦୁଆରେ ପୁଲିସ୍ ଜିପ୍ ଲାଗିଲା ଆଉ ପ୍ରେମିକ ମହାଶୟଙ୍କୁ ଧରି ଚାଲିଗଲା । ସବୁକିଛି ସ୍ୱାଭାବିକ୍ ହେଲାପରି ଲାଗୁଥିଲା । ହଠାତ୍ ଆଉ ଏକ ଅଘଟଣ ଘଟିଲା ।

ନବବଧୂ ନିରୁପମା ହଠାତ୍ ଘୋଷଣା କଲା ଯେ, ସେହି ଲୋକ ଯିଏ କିଛି ସମୟ ପୂର୍ବରୁ ବାହାରେ ପାଟିତୁଣ୍ଡ କରୁଥିଲା ବୋଲି ପୋଲିସ୍‌ରେ ଦିଆଯାଇଛି, ସେ ହେଉଛି, ନିରୁପମାର ପ୍ରଥମ ସ୍ୱାମୀ ।

ରମେଶ୍ ବାବୁଙ୍କ ମୁଣ୍ଡ ଲାଜରେ ନଇଁଗଲା । ବଡଘରୁ ଝିଅ ଆଣିଥିଲେ ଏଇ କଷ୍ଟ ଭୋଗିବାକୁ ପଡିବ ବୋଲି ସେ ଭାବିନଥିଲେ । କନ୍ୟାପିତାଙ୍କ ଥାଟବାଟ୍ କୁ ଦେଖି ସେ ପ୍ରସ୍ତାବ ସ୍ୱୀକାର କରିଥିଲେ । ଦୋପହର ହେଉ ହେଉ କନ୍ୟାପିତା ସଦଳବଳେ ଆସି ବରପିତା ଘରେ ପହଞ୍ଚିଗଲେ, ଆଉ ନିଜ କନ୍ୟାର କୋଠରୀକୁ ପ୍ରବେଶକରି ତା'କୁ

ବୁଝେଇବାକୁ ଚେଷ୍ଟାକଲେ। ଏଣେ ରମେଶ୍ ବାବୁଙ୍କ ଘରେ କୋଳାହଳ। ବାହା ଦ୍ୱିତୀୟ ଦିନ କନ୍ୟାପିତା ବରଘରକୁ ଆସିଲେ କେମିତି ବୋଲି ଜଣେ ଦୁଇଜଣ ଗୁପ୍‌ଚୁପ୍ କଥା ଆରମ୍ଭ କରୁଥିଲେ କିନ୍ତୁ ପୁଲିସିଆ ଥାଟ୍‌ବାଟ୍ ଦେଖି ଚୁପ୍ ହୋଇଗଲେ।

ସଞ୍ଜବେଳକୁ ମାମଲା ଟିକେ ଥଣ୍ଡା ପଡିଲା ପରି ଲାଗିଲା। ପୁଅବୋହୁ ଦିହେଁ ଖିଆପିଆ କଲେ। ରାତି ପାହିଲା ବେଳକୁ ସବୁ ଗଡବଡ ହୋଇଗଲା। ଅଧରାତିରେ ନୂଆ ବୋହୁ ଟା କୁଆଡେ ପଳେଇଛି । କନ୍ୟାପିତା ଆସି ପହଞ୍ଚିଗଲେ। ସାମାନ୍ୟ ତଦନ୍ତ କରିବା ପରେ ଘୋଷଣା କଲେ, ଯେ ବରଘର ଲୋକମାନେ ମିଶି ତାଙ୍କରି କନ୍ୟାକୁ ହତ୍ୟା କରି କେଉଁଠି ଲୁଚେଇ ଦେଇଛନ୍ତି। ଏହି ଘୋଷଣା ପରେ ପରେ ରମେଶ୍ ବାବୁ ଓ ତାଙ୍କ ସମେତ ସ୍ତ୍ରୀ, ଝିଅ, ଜ୍ୱାଇଁ ଆଦି ସମସ୍ତ ଉପସ୍ଥିତ ବୟୋବୃଦ୍ଧଙ୍କୁ ଗିରଫ କରାଗଲା। ଥାନା ହାଜତରେ ବସି ବସି ରମେଶ୍ ବାବୁ ଭାବୁଥିଲେ, ଯଦି ସେ ଖଡିରତ୍ନଙ୍କ କଥା ମାନିଥାଆନ୍ତେ ଏତେ ଦୂରକୁ କଥା ଯାଇନଥାନ୍ତା।

ବାହାଘର ବେଳକୁ ଖଡିରତ୍ନେ କହିଥିଲେ, ଜାତକ ଦିଟା ଭଲ ମିଶୁନି, ବାହାଘରଟା ନ କଲେ ଭଲ ହୁଅନ୍ତା। କିନ୍ତୁ ରମେଶ୍ ବାବୁ ଜିଦ୍ କଲେ, କହିଲେ ପୋଲିସ୍ ଘରର ଝିଅ, ନିଶ୍ଚୟ ଭଲ ଥିବ। ଆଉ ବାପା ଯାହା ଦି ପଇସା ଦେବ ସେଥିରେ ମୋ ଘରଟା ଭରିଯିବ। ପୁଅ ମନା କରୁଥିଲା, କହିଲା ବୟସ ଅଛି, ଏବେ କାହିଁକି ଏତେ ତରତର ହେଉଛ, ହେଲେ ବାରମ୍ବାର କନ୍ୟାଘର ଆଡୁ ପ୍ରେସର୍ ପଡିବା ପରେ ସେମାନେ ବାହାଘର ତିଥି ନିର୍ଣ୍ଣୟ କରି ପକାଇଲେ। ବାହାରେ ଏପାଖ ସେପାଖ ଟହଲୁଥିବା ଜ୍ୱାଇଁଙ୍କ ପିତାକୁ ରମେଶ୍ ବାବୁ ନିବେଦନ କଲେ ଖଡିରତ୍ନଙ୍କ ପାଖକୁ ଯାଇ ପ୍ରତିକାର ବିଷୟରେ କଥାବାର୍ତ୍ତା କରିବାକୁ। ସେ ବି ତତ୍ପର ହୋଇ ଧାଇଁଲେ।

ଖଡିରତ୍ନେ ସାମାନ୍ୟ ହସିଦେଇ କହିଲେ, 'ବିପଦ ଆସିଲା ପରେ ମୋତେ ମନେ ପକାଇଲେ କ'ଣ ହେବ? ସେ ଯା'ହେଉ ଖଡିରତ୍ନେ ଆଉ ଅଧିକ ବାକ୍ୟାଳାପ ନ କରି ସିଧା ଖଡି ଗଡାଇଲେ, କହିଲେ, ଯାଅ ସଞ୍ଜ ହେଉ ହେଉ ସବୁ ଠିକ୍ ହେଇଯିବ। ଖାଲି ଯାହା ପୁଅଟା ହଟହଟା ହେଲା।'

ସଞ୍ଜ ବେଳକୁ ଥାନାକୁ ଫୋନ୍ କରି ନିରୁପମା କହିଲା, 'ମୁଁ ନିଜ ଇଚ୍ଛାରେ ଘର ଛାଡି ଆସିଲି, ମୋ ପିତା ଜବରଦସ୍ତି ମୋ ବିବାହ କରାଇ ଦେଇଥିଲେ, ତେଣୁ ମୁଁ ଏହି ପଦକ୍ଷେପ ନେବାକୁ ବାଧ୍ୟ ହେଲି । ଏଥିରେ ସେହି ଲୋକମାନଙ୍କ କିଛି ଦୋଷ ନାହିଁ।'

ଘରକୁ ଫେରି ରମେଶ୍ ବାବୁ ଭଲ ଗାଧୁଆଟିଏ ଗାଧୋଇସାରି ଧାଇଁଲେ ଖଡିରତ୍ନଙ୍କ ପାଖକୁ । ତୁଚ୍ଛା ବାହାଘରଟାଏ ଲକ୍ଷେ ଉପରେ ଅର୍ଥ ଶ୍ରାଦ୍ଧ କରିସାରିଥିବା ରମେଶ୍ ବାବୁଙ୍କ ଯୁ ନଥିଲା, କିଛି କହିବା ପାଇଁ। ଖଡିରତ୍ନେ ରମେଶ୍ ବାବୁଙ୍କ ମୁହଁକୁ ଚାହୁଁଥିଲେ, ଆଉ ରମେଶ୍ କହୁଥିଲେ, 'ଆଜ୍ଞା ଗଙ୍ଗା ଗଲି ଯେତେ ଫଳ ପାଇଲି ସେତେ।'

## ପ୍ରସବ

କୋଟି କୋଟି ଶାମୁକା ଭିତରୁ
ମୋତିଟିଏ ଖୋଜିପାଇବା
ଯେତିକି ଯନ୍ତ୍ରଣା ଦାୟକ
ଅବ୍ୟକ୍ତକୁ ବ୍ୟକ୍ତ କରି
ଶବ୍ଦ ପ୍ରସବିବା
ଭଲ ଗୋଟେ ଗଳ୍ପ, କବିତା ଲେଖିବା
ନିଜକୁ ଉତ୍ସର୍ଗ କରି
ଧୂପ ସ୍ଥୁପଟିଏ ସାଜି
ବାସ୍ନା ବିତରିବା
ଅନେକ ଗୁଣରେ
କଷ୍ଟସାଧ୍ୟ,
ଚାରିପଟେ ଘୁରି ବୁଲୁଥିବା
ସ୍ମୃତି-ବିସ୍ମୃତିର ପଟ୍ଟଚିତ୍ର-
ନୀଳ ହଳଦିଆ ସବୁଜ ରଙ୍ଗର
ପାପର କାୟା- ପୁଣ୍ୟର ଛାୟା
ଦାନା ବାନ୍ଧୁଥାଏ

Nyasa Nabodita Presents

# ଆହ୍ୱାନ

ଦ୍ୱିତୀୟ ବର୍ଷ
ପଞ୍ଚମ ସଂଖ୍ୟା
Vol: 2 Issue: 5
June 2007

ଓଡିଶାର ପ୍ରଥମ ଏବଂ ଏକମାତ୍ର ମାସିକ ସାହିତ୍ୟିକ ଇ-ପତ୍ରିକା

Visit our website today for more feature rich presentations and informations. http://aahwaan.5gbfree.com/

ହୃଦୟର ସଂଗୁପ୍ତ କକ୍ଷରେ,
ଅଥଚ-
ବେଳେ, ବେଳେ ବୋଧ ହୁଏ
ବସିଥାଏ କାହା ଅପେକ୍ଷାରେ
ନିସ୍ତବ୍‌ଦରେ ଓହ୍ଲାଇବା ପାଇଁ
ନିର୍ମଳ ଉଲ୍ଲାସର
ଅପୂର୍ବ ଉତ୍ସାସେ,
ଏତେ ବଡ ଦୁଃସାହସ
ତାରି ଭିତରେ ଥାଏ ବୋଲି ତ
ଝଡିପୋକ ପରି-
ଆନନ୍ଦରେ ଝାସ ଦେଉଥାଏ
ଭାବନାର ନିଆଁ ଉହ୍ମେଇରେ
ଜଳି, ପୋଡି ପାଉଁଶ ହେଲେ ବି
ଭୟ ବି ନଥାଏ ।

ପ୍ରମିଳା ମହଲା, ବ୍ରହ୍ମପୁର

## କାଳ, ବେଳ ଓ ବେଲୁନ୍

ସମୟର ଭୀଷଣ ବର୍ଷାରେ
ଭିଜିଯାଏ ହସର ଆଇନା
ପୁଣି କେବେ ଜୀବନର କତରା ମସିଣା ।
ଆସ ଆମେ ଚାଲିଯିବ
ଅପନ୍ତରା ରାସ୍ତା ଦେଇ
ଯେଉଁବାଟେ ଅନେକ ଆଙ୍ଗିକତାର
ଅଧାଅଧି ଚିତ୍ରପଟ
ଟୁକୁରା ଟୁକୁରା ହୋଇ
ପଡିରହିଛି କାଚ ଖଣ୍ଡ ପରି;
ଅତଏବ, ଅଶ୍ରୁରେ ଅନଳ ଅଛି
ସେଇ ତଥାକଥିତ ଇସ୍ତାହାରକୁ ସାକ୍ଷୀରଖି
ଆମେ ପୁଣି ଗପିବା କେଉଁଠି
ପ୍ରାଚୂର୍ଯ୍ୟର ଶାଣଦିଆ ତଲୱାର ଧରି
ଅଶ୍ୱପୃଷ୍ଠରେ ବସି ଅପହଞ୍ଚ କଳ୍କୀ ପରି!
ସବାଶେଷ ଲୋକ ହେଲେ
ଭାତମୁଠେ ପାଇଁ ପଡିବା, ଉଠିବା
ନଚେତ୍ ଆଞ୍ଜୁଳାଏ ଭର୍ତ୍ସନା ଆଣିବା;
ଅହର୍ନିଶ ଶ୍ମଶାନରେ ରହିଯିବା ଚାଲ
ଗୋଟେ ଗୋଟେ ଥୁଣ୍ଟା ଗଛ ହୋଇ
ଏଇଠି ତ କିଛି ନାହିଁ
ଶାର୍ଦ୍ଦୁଳମାନଙ୍କ ଚାହାଣୀ ବ୍ୟତୀତ
ମେଘଡମ୍ବରୁ ଶବ୍ଦରେ ସମସ୍ତେ ନାଚୁଛନ୍ତି
ପ୍ରଗଲ୍‌ଭ ତଟିନୀ ପରି;
ଦୟାର ଦୟଣାଚୁଳ ସବୁରି ମଥାରେ
ଅର୍ଥହୀନ ଲବି କରି କରି
ଦେଖିଲାଣି କ୍ଷଣ ହେଲାଣି ପିଣ୍ଡ ଓ ବ୍ରହ୍ମାଣ୍ଡ
ହାତ- ପାଆନ୍ତାରେ ପୁଣି
ଶୂନ୍ୟତାର ଦରଭଙ୍ଗା ସିଡି;
ନନ୍‌ସେନ୍‌ସ ସେମାନେ ଓ ଆମେ ମଧ୍ୟ
ଏଥର ସତର୍କଘଣ୍ଟି ଜୋରରେ ବଜେଇ ଦିଅ
ସମସ୍ତେ ସଜାଗ ହେବେ ଆଗାମୀରେ
ଜଣେ ଜଣେ ଅନ୍ଧ ହେବାକୁ!

ବିପିନ ମହାପାତ୍ର (ଉପଗୁପ୍ତ)
ଲାଞ୍ଜିପଲ୍ଲୀ, ବ୍ରହ୍ମପୁର

## ପାହାନ୍ତ ପିଏ

ଜଳ ତ ଜଳ ବରଷା ଜଳ
ତା ସରି କିଏ ହେବ
        ବଳ ତ ବଳ ବାହୁର ବଳ
        ବିପଦେ କାମ ଦେବ ।
ଧନ ତ ଧନ ବିଦ୍ୟା ଧନ
ପାଖରେ ଥିଲେ ବାବୁ
        ଲୋଡା ହୁଏନି ତା ପାଇଁ ଜାଣ
        ଚାବି ବାକ୍ସ ସବୁ ।
ରାଗ ତ ରାଗ ମନର ରାଗ
ତୁମର ଟିକେ ଥିଲେ

Nyasa Nabodita Presents
ଆହ୍ୱାନ
ଦ୍ୱିତୀୟ ବର୍ଷ
ପଞ୍ଚମ ସଂଖ୍ୟା
Vol: 2 Issue: 5
June 2007
ଓଡିଶାର ପ୍ରଥମ ଏବଂ ଏକମାତ୍ର ମାସିକ ସାହିତ୍ୟିକ ଇ-ପତ୍ରିକା
Visit our website today for more feature rich presentations and informations. http://aahwaan.5gbfree.com/

ଭଲ କଥା ବି ଲାଗେ ଖରାପ
ଜାଣିଥା ସବୁ ବେଳେ ।
କଥା ତ କଥା ଅବୁଝା କଥା
ପିଲାଙ୍କ ତୁଣ୍ଡେ ଶୋଭା
ଅଳି ଅଝଟ ହସ ବି କାନ୍ଦ
ସଭିଙ୍କ ମନ ଲୋଭା ।
ଗାଳି ତ ଗାଳି ମା'ର ଗାଳି
କେବେ କେମିତି ହୁଏ,
ସ୍ନେହ, ଶରଧା, ଆକଟ ଯହିଁ
ଗୋଳେଇ ମିଶି ଥାଏ ।

ସୁଶାନ୍ତ କୁମାର ପଣ୍ଡା,
ରାମହରି ନଗର, ବ୍ରହ୍ମପୁର

## ଏଇ ମୋ ଓଡିଶା ଭୂଇଁ

ଏଇ ମୋ ଓଡିଶା ଭୂଇଁ
ଗଙ୍ଗାଠାରୁ ଦିନେ ଗୋଦାବରୀ ଯାଏଁ
ବ୍ୟାପିଥିଲା ବୋଲି ଇତିହାସ କହେ
ବିଚ୍ଛିନ୍ନାଞ୍ଚଳର ସମସ୍ୟା ହେତୁ
ଗଲା ସଂକୁଚିତ ହୋଇ,
ଏଇ ମୋ ଓଡିଶା ଭୂଇଁ। ୦
ଆଜି ବି ଏଇଠି ଉତ୍ତର ଓଡିଶା
ଦକ୍ଷିଣ ଓଡିଶା ଭେଦ
ମୁଣ୍ଡ ଟେକିଅଛି ପଶ୍ଚିମ ଓଡିଶା
ବିକାଶ ପରିଷଦ
ମହାଉତ୍କଳୀୟ ଭାବରେ ଉଦ୍‌ବୁଦ୍ଧ
ହୋଇଥିଲେ ଯେଉଁ ମଧୁ, ରାଧାନାଥ,
କବିସୂର୍ଯ୍ୟ, କବି ସମ୍ରାଟଙ୍କ ନାମେ
ଲାଗୁଛି ଆଜି ଲଢେଇ ।
ଏଇ ମୋ ଓଡିଶା ଭୂଇଁ ୧
ତେର ଜିଲ୍ଲାଥିଲା ତିରିଶିଟି ହେଲା
ତଥାପି ନହେଲୁ ତୋଷ
ଆଞ୍ଚଳିକବାଦ ମଶାଲ ଜଳାଇ
ବଢାଉ ହିଂସା ଦ୍ୱେଷ
ପୁରୀ-କଟକରେ ଦକ୍ଷିଣୀ ମାଣ୍ଡିଆ
ସମ୍ବଲପୁରରେ ସେ କଳାହାଣ୍ଡିଆ
ବିଦେଶରେ କେହି କାହାକୁ ନ ଚିହ୍ନେ
ଓଡିଆଟେ ବୋଲି କହି,
ଏଇ ମୋ ଓଡିଶା ଭୂଇଁ ୨
ମାଲ୍‌କାନ୍‌ଗିରିରେ ନକ୍ସଲପନ୍ଥୀଙ୍କ
ଶୁଭଇ ରଣ ହୁଙ୍କାର
ବ୍ରହ୍ମପୁରରେ ବାଙ୍ଗଲାଦେଶୀଙ୍କ
ଗୋରୁମାଂସର ବେପାର
ମୟୁରଭଞ୍ଜରେ ମାଓବାଦୀ ସ୍ୱର
ଦିନୁ ଦିନ ହେଉଅଛି ତୀବ୍ରତର
କଳିଙ୍ଗ ନଗରେ ପୁଲିସ ଗୁଳିରେ
ଯାଇଛନ୍ତି କେତେ ଶୋଇ,
ଏଇ ମୋ ଓଡିଶା ଭୂଇଁ ୩
ଆମେ ଯେତେ ସବୁ ଉତ୍କଳବାସୀ
ଅଟୁ ବଡ ବୁଦ୍ଧିମାନ
ଓଡିଶା ରାଇଜେ ବରି ନେଇଅଛୁ
ଅଣ ଓଡିଆ ଶାସନ
ବିପର୍ଯ୍ୟସ୍ତ ଯେତେ ଶିକ୍ଷା, ସ୍ୱାସ୍ଥ୍ୟନୀତି
ବେଳୁଁ ବେଳ ବଢେ ଭାଷାରେ ବିକୃତି
କଥାକଥାରେ ତ ଇଂରେଜୀ ସହିତ
ହିନ୍ଦୀ ଫୁଟି ଉଠୁଥାଇ,
ଏଇ ମୋ ଓଡିଶା ଭୂଇଁ ୪
ଖଣିଜ ସଂପଦ, ବନ୍ୟ ସଂପଦରେ
ଭରା ଏ ଉତ୍କଳ ମାଟି
ଶିଳ୍ପ ପ୍ରତିଷ୍ଠା ନାମରେ ଚାଲିଛି
ପାଣ୍ଠିର ହରିଲୁଟି
ଅମଲାତନ୍ତ୍ରୀଙ୍କ ହମ୍ବଡା ନୀତି
ବୋଲକରା ଯେତେ ନେତା ଆଉ ମନ୍ତ୍ରୀ
ପ୍ରଗତି ନାମରେ ହୁଏ ଅଧୋଗତି
ଯେ ଯାହା ସ୍ୱାର୍ଥରେ ବାଇ,
ଏଇ ମୋ ଓଡିଶା ଭୂଇଁ ୫

Nyasa Nabodita Presents

ଆହ୍ୱାନ

ଦ୍ୱିତୀୟ ବର୍ଷ
ପଞ୍ଚମ ସଂଖ୍ୟା
Vol: 2 Issue: 5
June 2007

ଓଡିଶାର ପ୍ରଥମ ଏବଂ ଏକମାତ୍ର ମାସିକ ସାହିତ୍ୟିକ ଇ-ପତ୍ରିକା

Visit our website today for more feature rich presentations and informations. http://aahwaan.5gbfree.com/

କୁଳମଣି ସାହୁ
ପୋଲସରା, ଗଞ୍ଜାମ

# ପ୍ରସ୍ତୁତି

ମନ, ପ୍ରାଣ ଏବେ ସବୁ ଏକାଠି ହେଲାଣି
କିଛି ସର୍ଜନା କରିବାର ପ୍ରତିବଦ୍ଧତା
ଏବେ ଅସ୍ତବ୍ୟସ୍ତ କଲାଣି
ହୃଦୟତନ୍ତ୍ରୀକୁ ଏବେ କବିତାର ଖୋରାକ୍ ପାଇଁ
କବିକୁ ଆଉ ଅପେକ୍ଷା
କରିବାକୁ ପଡୁନାହିଁ ଦିନୁ ଦିନ
ଏବେ ତ ପ୍ରତି ମୁହୂର୍ତ୍ତରେ
ଘଟିଯାଉଥିବା ଘଟଣା ସବୁ
ଗୋଟାଏ ଗୋଟାଏ ବିଗୁଲ
କବିପ୍ରାଣ ପାଇଁ
ନେପାଳ ରାଜନଅର ହେଉ କି ନିଠାରୀ ହେଉ
କିଅବା ମହାଜନ ପରିବାର
ଅଥବା ମହାନଗର ହେଉ
ସବୁଠି ତ ବର୍ବରତାର ନୂଆ ନୂଆ ରୂପ
ତଥାକଥିତ ସଭ୍ୟ ମଣିଷର ଅସଲ ସ୍ୱରୂପ
ଏବେ ତ ପ୍ରେମ ମଧ୍ୟ
ବଜାରର ପଣ୍ୟ ଦ୍ରବ୍ୟ ହେଲାଣି
ପଇସା ଦେଲେ
ବଣରୁ ହାତୀ ଆସି ନାଚିଲା ଭଳି
କୁଆଡେ ପ୍ରେମ ମଧ୍ୟ ମିଳି ଯାଉଛି
ସେଇଥିପାଇଁ ତ ପ୍ରେମର ପସରା
ଏବେ ଚାରିଆଡେ-
କଲେଜ କ୍ୟାଣ୍ଟିନ୍‌ରେ ପାର୍କରେ
ବଜାର ଛକରେ ଏବଂ ମନ୍ଦିର ବେଡାରେ
ଆସନ୍ତା କାଲିର ହିସାବ
କିଏ ବା ରଖୁଛି
ଆଜି ଅଛି ତ ସବୁ ଅଛି
ନ୍ୟାୟରେ ଚାଲିଛି ସବୁକିଛି
ତେଣୁ ଏବେ
ଝରିଯାଉଛି କବିର ଲେଖନୀ ମୂନରୁ
ଆପେ ଆପେ ଅନେକ କବିତା

ନୀଳକଣ୍ଠ ସାହୁ
ବ୍ରହ୍ମପୁର

# ଭିକ୍ଷୁ

ଚାଳ ଉପରେ ଗୋଟେ ଲାଉକଷିକୁ ଦେଖାଇ
ବୋଉ କହିଲା, 'ଥାଉ- ସେଇଟା ଆମ ପୁଅପାଇଁ'
ପିଡାରେ ରହି ଲାଉ ବୁଡା ହେଲା
ଗଡା ହେଲା ଥାଳ
ହାଟରୁ ବାପା କିଣି ଆଣିଲେ ନାଲି ଗାମୁଛା ଦି'ହଳ
ବୁଡା ଯୋଗୀକୁ ପଠା ହେଲା ଖବର
ସକାଳୁ ସକାଳୁ ଦିନେ ମତେ କରାଗଲା ଯୋଗୀବେଶ
ସାତଘର ମାଗିବାକୁ ଭିକ ସାତସେର
ସେତେବେଳେ ମୋ' ବୟସ ଛଅ ପୁରି ସାତ!
ସେଦିନ ଗାଁ ଦାଣ୍ଡରେ ବାଜୁଥିଲା
କେନ୍ଦେରାରେ ଗୋଟେ କାନ୍ଦ କାନ୍ଦ ସ୍ୱର
ଯାହାକୁ ଭାଷା ଦେଲେ ହୋଇଥା'ନ୍ତା କବିତାଟିଏ
ଦୁନିଆ ସେପାରିର
ଆଉ ଆମ ଭିତର ଖଞ୍ଜାରେ
ବୋଉ, ଖୁଡି, ବୁଡୀମା' ଆଖିର ଲୁହ ବି କବିତା-
ଏପାରିର ମୋହ ମମତାର!
ଯୁବାକାଳେ ପ୍ରେମିକ ବେଶରେ ପ୍ରେମପତ୍ର ଧରି
ପୁଣି ବାହାରିଲି ମାଗି
ଖୋଲାଥିଲା କେତେ ତରୁଣୀଙ୍କ ହୃଦୟର ଦ୍ୱାର
ପାଇଲି କେଇମୁଠା ସ୍ୱପ୍ନ ଯାହାକୁ
ରଖିହେଲାନି ବେଶୀ ଦିନ
ଯେମିତି ଲାଉଥାଳରେ ସାତସେର

Nyasa Nabodita Presents

ଆହ୍ୱାନ

ଦ୍ୱିତୀୟ ବର୍ଷ
ପଞ୍ଚମ ସଂଖ୍ୟା
Vol: 2 Issue: 5
June 2007

ଓଡିଶାର ପ୍ରଥମ ଏବଂ ଏକମାତ୍ର ମାସିକ ସାହିତ୍ୟିକ ଇ-ପତ୍ରିକା

Visit our website today for more feature rich presentations and informations. http://aahwaan.5gbfree.com/

ନେଇଗଲା ବୁଡାଯୋଗୀ
ପ୍ରେମପତ୍ର ଭର୍ତ୍ତି ସ୍ୱପ୍ନ ସବୁ ନେଲା
ନିଜ ହଜିଲା ବୟସ
ଯୋଗୀ ହେବା, ଅନୁରାଗୀ ହେବା ମୋର ନାମମାତ୍ର!
ଦି'ଘଡିରେ ସରିଗଲା ଖେଳ- ଚିତା, ତିଳକ, ଥାଳର
ଦି'ଦିନରେ ଝଡିଗଲା ଆବେଗର ଫୁଲ, ନିବିଡ ମନର।

ଜୀବନରେ ଯାହା କିଛି ଭୋଗିଛି
ତାହା ସବୁ ମାଗିଛି-
ପତ୍ନୀକୁ ମାଗିଛି ଦେହ
ପ୍ରିୟଜନଙ୍କୁ ପ୍ରତ୍ୟୟ
ଦେବତାଙ୍କ ଠାରୁ ଧନ, ଜନ, ବିଷୟ
ଦପ୍ତରରୁ ଛୁଟି ପାଇଁ ମାଗିଛି ଦିନେ କେଇଟା ବା ସପ୍ତାହ।
ମାଗିଛି ସରୁନି ମୋର
ଆଜି ମୁଁ ମାଗିଛି ସକାଳକୁ ସୂର୍ଯ୍ୟ,
ଆକାଶଠୁଁ ବିଶୁଦ୍ଧ ପବନ;
ବ୍ରାହ୍ମକାଳେ ବସି, ନିତି ମୁଁ ଭରୁଛି ପୂରକରେ ପ୍ରାଣ
ଜାଣେ, ତାକୁ ବି ଛଡେଇ ନେବ ଶେଷରେ ମରଣ।

ଏଠି ଲାଉଥାଳ, ପ୍ରେମପତ୍ର, 'କୁମ୍ଭକ'ରେ ଧରି ରଖି ହୁଏ
'ଅନ୍ନ, ପ୍ରେମ, ପ୍ରାଣ କିଛି କ୍ଷଣ,
ଯେଉଁଠି ମୋ'ପରି ଅନେକ ଭୋଗୁଥାନ୍ତି
ଭିନ୍ନ ଭିକ୍ଷୁର ଜୀବନ?

ରଜନୀ ଶତପଥୀ
ବସନ୍ତ ବିହାର, ବାଲେଶ୍ୱର

# ଆରାଧନା

ରାସ୍ତାକଡ ଧୂଳି ମଇଳା ବିଛଣା ଉପରେ
ନିଶ୍ଚିନ୍ତରେ ଶୋଇଥିବା ସେହି ଲୋକ
ଏବେ ଧୀରେ ଧୀରେ ଚାଲିବାକୁ ଆରମ୍ଭ କଲାଣି ନିଦରେ।
ଏମିତି ତ
ନିଦରେ ଓ ନିଦ ପରେ ବଦଳିଯାଏ ଅନେକ କିଛି
ଯେମିତିକି'
ଆକାଶର ରଙ୍ଗ, ଫୁଲର ବାସ୍ନା
ଗୀତର ସ୍ୱର
ନଦୀର ଗତିପଥ ବି।
ନିଦରେ ପାଦେ ପାଦେ ହେଇ କିଏ
ଆରୋହଣ କରିଯାଏ ପୃଥିବୀର ଉଚ୍ଚତମ ଶୃଙ୍ଗ
ନିଦରେ ବି କିଏ ନିଖୋଜ ହୋଇଯାଏ
ହଳେ ଅଶ୍ରୁସକ୍ତ ଆଖିର ଦାଡରେ
ଯେତେ ସବୁ ଯୁଦ୍ଧ ସଂଘଟିତ ହୁଏ ନିଦରେ
ଯେତେସବୁ ପ୍ରେମପତ୍ର ଲେଖାଯାଏ
ନିଦର କାଳି କାଗଜରେ।
ଶିକାରୀ ପକ୍ଷୀର ଉଦ୍ୟତ ପଞ୍ଝା
କି' ଫୁଲର ନିରୀହତା ପରି
ନିଦ ବି ଏକ ଆରାଧନା
ଉନ୍ନିଦ୍ର ପୃଥିବୀରେ।
ଫାଶ ବସେଇ ଚଢେଇ ଧରୁଥିବା ଲୋକ
ମାଛ ହେଇ ପହଁରି ପାରେନା
ଶୂନ୍ୟତାର ସମୁଦ୍ରରେ।
ନିଦ ଆଖିକୁ ଦେଖେନା ବୋଲି
ଚଢେଇର ଆଖିକୁ ବି ଦେଖିପାରେନା
ଯୋଉ ଆଖିଭିତରେ ଲୁଚି ରହିଥାଏ
ହଜାରେ ବର୍ଷର ନିଦ
ସ୍ରୋତ ପରି ବହିଯିବା ଭଳି ନୀଳ,
ମଧୁର ନିମନ୍ତ୍ରଣ
ହସହସ, କାନ୍ଦ କାନ୍ଦର
ଗୋଟେ ପ୍ରାଚୀନ ଅଥଚ ପ୍ରାଣର ପ୍ରତିମା
ଯିଏ ପ୍ରତି ନିୟତ ଭୋଗୁଥାଏ
ହଜାରେ ଜନ୍ମ ଓ ହଜାରେ ମରଣ।
ଫାଶ ବସେଇ ଚଢ଼େଇ ଧରୁଥିବା ଲୋକ
ଏ ସବୁ କିଛି ଜାଣେନା
ସେ ଏୟା ବି ଜାଣେନା ଯେ'
ଚୁପ୍‌ଚାପ୍ ବଦଳି ଯାଉଥିବା ଋତୁ

Nyasa Nabodita Presents

# ଆହ୍ୱାନ

ଦ୍ୱିତୀୟ ବର୍ଷ
ପଞ୍ଚମ ସଂଖ୍ୟା
Vol: 2 Issue: 5
June 2007

ଓଡିଶାର ପ୍ରଥମ ଏବଂ ଏକମାତ୍ର ମାସିକ ସାହିତ୍ୟିକ ଇ-ପତ୍ରିକା

Visit our website today for more feature rich presentations and informations. http://aahwaan.5gbfree.com/

କି' ବୁଡି ଯାଉଥିବା ଜାହାଜ ପରି
ଫାଶ ବି ଏକ ପ୍ରାର୍ଥନା ।

କେ ଶ୍ୟାମବାବୁ ଦୋରା
ଲକ୍ଷ୍ମୀ ବ୍ୟାଙ୍ଗଲ୍‌ସ, ଜେନାନା ହସ୍ପିଟାଲ୍ ରୋଡ,
ବ୍ରହ୍ମପୁର

## ଛାଇଁ

ଦୀପ୍ତିମୟୀ ପ୍ରଧାନ

ଆକାଶର ରଙ୍ଗକୁ
ଭଲପାଉଥିବା ଝିଅ
ଆଜି ଗୋଟେ ବେଦନାଭରା
ବଉଳପାଟ ।
କେବେଠୁ
ପଣତରେ ପୋଛା ଲୁହ ତାର
ନି:ସ୍ପୃହ!
କେବେଠୁ
ପେଟରାରେ ସାଇତା
କୋଳାହଳପରର ନିରବତା
ଲୁଚେଇ ରଖିଛି
ନିଜକୁ ।
ଯେତେଥର ଛୁଇଁ ଦେଇଚ,
ସେତେଥର ଫାଟିଫାଟି ଯାଇଚି
ତା ପୁରୁଣା ଭାଙ୍ଗ
ଯେତେଥର ପଚାରିଚ,
ସେତେଥର ଉଠି ଆସିଚି
ସେ ଜରି ଭଙ୍ଗାରୁ ଉତୁରା କୋହ ।
ଟ୍ରଙ୍କ ଖୋଲିଲେ ଶୁଭୁଥାଏ ଖାଲି
ଆର୍ତ୍ତନାଦର ବିଭବ!
ନାରୀତ୍ୱର ସାଇତା ଲୁହ ।

କୋଶଳା, ଅନୁଗୁଳ

## ବାସନ୍ତୀର ଗାଁ

ସୁଶାନ୍ତ ଦାସ

ଅଲୋଡା ହୋଇଛି ଏବେ
ଜହ୍ନମାମୁ
ଆକାଶର ମିଟିମିଟି ତାରା
କିଆବନ୍ଧ ନୀଳକଇଁ
ମୁହଁ ସଞ୍ଜ
ଗୋଧୂଳି ଇଶାରା ।
କେ କହିବ
ମୁହଁ ଖୋଲି କୁହ
କାହିଁଗଲା ତା' ଗାଁ
ଭୂଗୋଳ ଠିକଣା
ଇତିହାସ, ଜମି ଆଉ ଘର
ସମୟ ରାସ୍ତାରେ ଯିଏ
ଆଜି ବାଟବଣା ।
ନଈକୂଳ
ପଳାସ ବଣରେ
ମଧ୍ୟାହ୍ନରେ ଜଳେ ଏବେ
ପ୍ରୀତିର ରୋଷଣୀ
ବସନ୍ତ ଡାକୁଛି କିବା
ଆସ ଆସ
ବାସନ୍ତୀ ଗାଁରୁ
ପାରିନି ମୁଁ ଜାଣି ।

ଅମୁର୍ଡା, ଉଲୁଣ୍ଡା, ସୋନ୍‌ପୁର

## ପାଷାଣରୁ ମଣିଷ ପର୍ଯ୍ୟନ୍ତ

ହେମଚନ୍ଦ୍ର ଆଚାର୍ଯ୍ୟ

ପ୍ରସ୍ତରର ଶେଯ ଆଉ ତକିଆ ପ୍ରସ୍ତର
ପ୍ରସ୍ତରର ପହ୍ନଡ ସେ ଅନେକ ପ୍ରସ୍ତର;
କୋଳାକୋଳି ଅଙ୍ଗାଅଙ୍ଗୀ ସ୍ନେହ ସର ସର
ଅନେକ ଆକାର ଆଉ ଭିନ୍ନ ବୟସର

ପାଷାଣର; ସିଏ ଏକ ସ୍ନେହର ପର୍ବତ
ଆମେ ଦେଖି କହୁଁ ଖାଲି ଗୋଟିଏ ପର୍ବତ ।।୧
ତରୁର ଉପରେ ତରୁ; ତରୁ ମଧ୍ୟେ ତରୁ,
ମନା ନାହିଁ ପତ୍ରକାର କା' ମଧ୍ୟେ ସନ୍ତରୁ;
କାହାପରେ କେ ଆଉଜେ କେ ସାଉଁଳେ ଶିର;
ଶାଖା ଶାଖା ମଧ୍ୟେ ଭାଷା ସମବୟସୀର;
ପ୍ରୀତିର ଫସଲ ଫେଇ ବିସ୍ତୃତ ବନାନୀ
ଇର୍ଷା ନାହିଁ, ନାହିଁ ରଣ ଏଣୁ ଅରଣ୍ୟାନୀ ।।୨
କାକଳିରେ ଚର୍ଚ୍ଚା ହୁଏ ସବୁ ଧରମର
ସାରମର୍ମ, ଉତ୍ତରଇ ପତ୍ରର ମର୍ମର;
ଡେଣା ଝାଡି ଏକ ଆନେ ଜଣାଏ ପ୍ରଣତି
ପ୍ରୀତିବାସ ଜୀବନର ପ୍ରେୟ ପରିଣତି;
ଏକେ ଆନେ ଚୁଚୁମାଏ ପ୍ରୀତିର ଆବେଶ
ଆମେ କହୁଁ ସେଇ ଗଛେ; ପକ୍ଷୀ ସମାବେଶ ।।୩
ସ୍ଥିର ରଖେ ପଶୁପଲ ଦୃପ୍ତ ଗତି ତାର,
ଦେଖି ଗୋଷ୍ଠଚ୍ୟୁତି ଅଳ୍ପଗାମୀ କେ ସତ୍ତ୍ୱାର;
କିଏ ଘଷିହୁଏ ଦେହେ ଲେହନ କେ କରେ
ସମୂହ ପ୍ରଗତି ନୁହେଁ, ତେଜି ଏକକରେ
ସ୍ନେହ ଦିଆନିଆ ସେଠି ପ୍ରେମର ପ୍ରସାର
ଆମେ କହୁ ଗୋଠ ତାହା ପାଶାବ ସଂସାର ।।୪
ପିପାସାର ଭୂମିକଂପ ମଣିଷ ଓଠରେ,
ବୁଭୁକ୍ଷାର ଉଦ୍ଗୀରଣ ଜନତା ଜଠରେ,
ଗ୍ରହଯୁଦ୍ଧ, ଗୃହଯୁଦ୍ଧ ନର ପରିବାରେ
ପାରିଲା ପଣିଆ ଖାଲି ମାରି ପାରିବାରେ ।
ମାପିବାକୁ ଚେଷ୍ଟାକରୁଁ ସଭ୍ୟତାର ହାର
ଅଲକ୍ଷ୍ୟରେ ମାତ୍ର ତାହା ସଭ୍ୟତାର ହାର ।।୫

## ଡାଏରୀ

ଚଇତ୍ରର ସକାଳରେ ଲାଖିରହିଥିଲା କ୍ଲାନ୍ତ ମଲ୍ଲୀଫୁଲର କୋମଳ ସୁଗନ୍ଧ । ରାସ୍ତା ସେକଡ ଆମ୍ବ ଗଛ ଉହାଡରୁ ନିଃସଙ୍ଗ କୋଇଲିଟି ରହି ରହି ସଙ୍ଗିନୀ ଉଦ୍ଦେଶ୍ୟରେ ବିରହ ପ୍ରାର୍ଥନା ନିବେଦନ କରି ଚାଲିଥିଲା । ସିଦ୍ଧାର୍ଥ ଝରକା ପାଖରେ ଠିଆ ହୋଇ ଚଂପାଗଛର ଶାଖାକୁ ନିରୀକ୍ଷଣ କରୁଥିଲା । କିଛିଦିନ ତଳେ ନୁଖୁରା ଓ ହତଶ୍ରୀ ଦିଶୁଥିବା ଗଛ ଶାଖାରେ ଏବେ ସବୁଜ ସମାବେଶ । ଆଉ କିଛିଦିନ ପରେ ଏହାର ପତ୍ର ଗହଳରୁ ଉକୁଟି ଉଠିବ ସ୍ୱର୍ଣ୍ଣପୁଷ୍ପର ସମ୍ଭାର ।

ବୈଠକ ଘରେ କାହାର ପରିଚିତ ସ୍ୱର ଶୁଣି ସିଦ୍ଧାର୍ଥ ସେ ଆଡକୁ କାନ ଡେରିଲା । ଚିହ୍ନା ଚିହ୍ନା ଲାଗୁଛି, କିନ୍ତୁ ନାଁ ଟି ମନେ ପଡୁନାହିଁ । ସେ ପାଦ ଘୋଷାରି ଘୋଷାରି ଯାଇ ଦେଖିଲା ତାଙ୍କ ଗାଁ ପାଖ ପାଟପୁରର ମାଗୁଣି ଚରଣ ପଣ୍ଡା ଆସିଛନ୍ତି ।

ମାଗୁଣି ଚରଣଙ୍କୁ ଦେଖିବା କ୍ଷଣି ଅତୀତର ସେଇ ଅସ୍ୱସ୍ତିକର ସ୍ମୃତିଟି ପୁଣି ମନେ ପଡିଗଲା । ପଞ୍ଚମ ଶ୍ରେଣୀ ବୃତ୍ତି ପରୀକ୍ଷା ସରିଥାଏ । ପାଖ ଗାଁ ଜନ୍ତୁଆଳିରୁ ସେଦିନ ପାଲା ଦେଖି ସେ ଫେରୁଥାଏ । ଏଇ ଚଇତ୍ର କି ବୈଶାଖ ମାସ ହେବ । ସିଦ୍ଧାର୍ଥକୁ ଖୁବ୍ ଶୋଷ ଲାଗୁଥାଏ । ଘାଟପାଖ ଚା' ଦୋକାନୀକୁ ପାଣି ମାଗିଥିଲା । ମାତ୍ର ଗୁଲୁଗୁଲା ଛାଣୁଥିବା ଦୋକାନୀ ଜଣକ ଅନ୍ୟମନସ୍କ ଭାବରେ ତାକୁ ଗୋଟାଏ ପିତ୍ତଳ ଲୋଟାକୁ ଇସାରା କରିଥିଲା । ଶୋଷ ବିକଳରେ ସିଦ୍ଧାର୍ଥ ସେଇ ଲୋଟାର ପାଣିତକ ପିଇସାରିବା ବେଳକୁ ଶୁଣିଲା ଦୋକାନୀ ବଡପାଟିରେ କହୁଛି, 'ସାରିଦେଲା, ସାରିଦେଲା!' ତା ପାଖରେ ଅଧା ପିଆ ଚା ଗିଲାସଟିକୁ ଧରି ଆଶ୍ଚର୍ଯ୍ୟ ଭଙ୍ଗୀରେ ଯିଏ ଠିଆ ହୋଇଥିଲେ ସେ ହେଉଛନ୍ତି ଏଇ ମାଗୁଣି ଚରଣ ପଣ୍ଡା । ମାଗୁଣି ପଣ୍ଡା ପ୍ରତିଦିନ ଠାକୁରାଣୀଙ୍କ ପୂଜା ସାରି ଲୋଟାଏ ପାଣିରେ ତୁଳସୀ ପତ୍ର ଓ ଯୋଡାଏ ଫୁଲ ପକାଇ ଘରୁ ବାହାରି ଯାଆନ୍ତି । ସେଇତକକୁ ପାଦୁକ ଭାବରେ ବ୍ୟବହାର କରି ସେ ଲୋକମାନଙ୍କ ପାଖରୁ କିଛି କିଛି ପଇସା ସଂଗ୍ରହ କରନ୍ତି । ଏ ଘଟଣାଟି ସେଦିନ ଚା' ଦୋକାନରେ ବେଶ୍ ଚର୍ଚ୍ଚାର ବିଷୟ ହୋଇଥିଲା । ଲାଜରେ ଜଳିଯାଇଥିଲା କିଶୋର ସିଦ୍ଧାର୍ଥ । ପରିସ୍ଥିତିକୁ ସହଜ କରିବାପାଇଁ ସେଠାରେ ଉପସ୍ଥିତ ଥିବା ଗଣିତ ଶିକ୍ଷକ ନିଜ ପକେଟ୍ରୁ ଟଙ୍କା ପାଞ୍ଚଟି କାଢି ମାଗୁଣି

Nyasa Nabodita Presents
ଆହ୍ୱାନ
ଦ୍ୱିତୀୟ ବର୍ଷ
ପଞ୍ଚମ ସଂଖ୍ୟା
Vol: 2 Issue: 5
June 2007
ଓଡିଶାର ପ୍ରଥମ ଏବଂ ଏକମାତ୍ର ମାସିକ ସାହିତ୍ୟିକ ଇ-ପତ୍ରିକା
Visit our website today for more feature rich presentations and informations. http://aahwaan.5gbfree.com/

ପଣ୍ଡାଙ୍କୁ ବତାଇ ଦେଇଥିଲେ। ମାତ୍ର ଏ ପର୍ଯ୍ୟନ୍ତ ଚାଲିଥିବା ପାଟିଗୋଳ ଭିତରେ ନିରବ ରହିଥିବା ମାଗୁଣି ପଣ୍ଡା କହିଥିଲେ, 'ପଇସା ନେବାକୁ ମୁଁ କିଏ? ଦେବୀର କରୁଣା ନ ଥିଲେ, ପାଦୁକା ପାତ୍ର ସେ ପିଲାର ପାଟି ପାଖରେ ପହଞ୍ଚି ନଥାନ୍ତା!' ସିଦ୍ଧାର୍ଥ ମାଗୁଣି ପଣ୍ଡାଙ୍କ ରହସ୍ୟମୟ କଥା ଭିତରେ ଆତ୍ମରକ୍ଷାର ଉପାୟ ଖୋଜି ଖୋଜି ଖସି ଆସିଥିଲା। ତେବେ ସଂଯୋଗ ହେଉ ବା ଦେବୀଙ୍କ କରୁଣା ହେଉ ଘରେ ପହଞ୍ଚୁ ପହଞ୍ଚୁ ସେ ଖବର ପାଇଥିଲା ଯେ ସେ ପଞ୍ଚମ ଶ୍ରେଣୀ ବୃତ୍ତି ପରୀକ୍ଷାରେ ପାସ୍ କରିଛି। ସେତକ ପାଇନଥିଲେ ହୁଏତ ସିଦ୍ଧାର୍ଥର ଜୀବନ ଅନ୍ୟ ଦିଗରେ ଚାଲିଯାଇ ଥାଆନ୍ତା।

ସେଦିନ ଭଳି ଆଜି ବି ମାଗୁଣି ପଣ୍ଡାଙ୍କ ଚେହେରା ଦିଶୁଥିଲା ପିଲାଦିନ ପରି ସରଳ ଓ ଦାୟିତ୍ୱ ଶୂନ୍ୟ। ସିଦ୍ଧାର୍ଥ ତାଙ୍କୁ ନମସ୍କାର କରି କହିଲା, 'ବସନ୍ତୁ, ବସନ୍ତୁ। ଅନେକ ଦିନ ପରେ! ଏଠିକାର ଠିକଣା କିଏ ଦେଲା?'

ମାଗୁଣି ପଣ୍ଡା କହିଲେ ଯେ ସରକାର ବିଭିନ୍ନ ଗ୍ରାମର ସଂକୀର୍ତ୍ତନ ମଣ୍ଡଳୀ ଡାକି ସାର୍ଟିଫିକେଟ୍ ଦେଲେ। ପାଟପୁର ତରଫରୁ ସେ ଆଉ ଦୁଇଜଣ ଆସିଥିଲେ। ଏଠିକି ଆସିବା ଆଗରୁ ସେ ବିଧାୟକ ବିଜନ ମହାନ୍ତିଙ୍କ ଘରକୁ ଯାଇଥିଲେ। ସେଇଠାରୁ ସିଦ୍ଧାର୍ଥର ଠିକଣା ସଂଗ୍ରହ କରି ଏଠିକି ଆସିଛନ୍ତି। ସେମିତି କିଛି କାମ ନାହିଁ।

ନନ୍ଦିତା ଦହି ସର୍ବତ ଗିଲାସେ ଆଣି ମାଗୁଣି ପଣ୍ଡାଙ୍କୁ ଦେଇ ଗଲା। ମାଗୁଣି ପଣ୍ଡା କହିଲେ ଗୋଟେ ଯୁଗ ହୋଇଗଲାଣି ତୁମେ ପାଟପୁର ଯାଇନ। ବାପା ଚାଲିଗଲେ ବୋଲି କ'ଣ ଗାଁ ସହ ସଂପର୍କ କଟିଗଲା? ଗାଁରେ ତ ଏବେ ତୁଚ୍ଛା ରାଜନୀତି। ଜାଣିଲା ଶୁଣିଲା ପିଲା ନ ରହିଲେ ଯାହା ହୁଏ ଏବେ ତାହା ହିଁ ହେଉଛି।

ସିଦ୍ଧାର୍ଥ ଦୀର୍ଘଶ୍ୱାସ ନେଲା। ସେ ଜଣେ ସାମାନ୍ୟ ବ୍ୟାଙ୍କ ମ୍ୟାନେଜର। ସେ ତ ନେତା କି ଶିଳ୍ପପତି ନୁହେଁ ଯେ କିଛି କରିପାରିବ। ସେ ପ୍ରସଙ୍ଗ ବଦଳାଇ ପଚାରିଲା, 'ସରକାର କ'ଣ କ'ଣ ସବୁ ଦେଲେ?'ମାଗୁଣି ଚରଣ କହିଲେ, 'ହଁ, ଏଇ ବୁଢାଦିନେ ମନେ ପଡିଲା। ସମସ୍ତଙ୍କୁ ଖଣ୍ଡେ ଖଣ୍ଡେ ଉତ୍ତରୀୟ ଓ ସାର୍ଟିଫିକେଟ୍ ଦେଇଛନ୍ତି।' ତା'ପରେ ନିଜ କନା ବ୍ୟାଗରୁ ତାଙ୍କର ସେ ଜିନିଷ ତକ ବାହାର କରି ଦେଖାଇଲେ। ତା ସାଙ୍ଗରେ ଖଣ୍ଡିଏ ଡାଏରୀ। ସିଦ୍ଧାର୍ଥ ଲକ୍ଷ୍ୟ କଲା ଡାଏରୀଟି ଯଦିଓ ସଫା ଦିଶୁଛି ତା ଉପରେ ଦିହଜାର ଛ' ମସିହା ଲେଖା ହୋଇଛି। ସେ କୌତୁହଳ ବଶତଃ ପଚାରିଲା, 'ଏଇ ପୁରୁଣା ଡାଏରୀଟା ଆପଣଙ୍କୁ କିଏ ଦେଲା?'

ବିଜନବାବୁ ଦେଲେ ପରା। ମୁଁ ମୁହଁ ଖୋଲି ମାଗିଥିଲି ଅବଶ୍ୟ। ନାତିଟି କଲେଜରେ ନାଁ ଲେଖାଇଚି। ଖଣ୍ଡିଏ ନୂଆଁ ଡାଏରୀ ପାଇଁ କହିଥିଲା। ଅଥଚ

ମଫସଲ ଗାଁର ଅଧିକାଂଶ ପିଲାଙ୍କ ପରି ସିଦ୍ଧାର୍ଥ ବି ଦିନେ ଏହି ଡାଏରୀନାମକ ବସ୍ତୁଟି ପ୍ରତି ପ୍ରଚୁର ଲୋଭ ଥିଲା। କଟକରେ ପଡିବାବେଳେ ଦିନେ ସେ ମୁହଁଖୋଲି ତାଙ୍କ ଗାଁର ମନ୍ମଥ ବାବୁଙ୍କୁ ଏଥିରୁ ଖଣ୍ଡେ ମାଗିଥିଲା। ନୂଆବର୍ଷରେ ପାଖାପାଖି ପଚାଶରୁ ଅଧିକ ଡାଏରୀ, ଅର୍ଥ ନିଗମର ମ୍ୟାନେଜର ମନ୍ମଥ ବାବୁଙ୍କ ପାଖକୁ ଆସେ। ସେଦିନ ତାଙ୍କ ପାଖରୁ ଖଣ୍ଡିଏ ନେଇ ପରମ ଉତ୍ସାହରେ ନିଜ ବସାକୁ ଯାଇ ଦେଖେତ ସେଇଟି ଥିଲା ଗତବର୍ଷର ପୁରୁଣା ଡାଏରୀ। ଅପମାନ ଓ ଅଭିମାନରେ ସେ ପୋକଟିଏ ପାଲଟି ଯାଇଥିଲା। ସେଇଟିକୁ ଫିଙ୍ଗିଦେଇ ସେ ପୁରୁଣା ଖାତା ଦୁଇଟି ଯୋଡି ନିଜେ ଗୋଟିଏ ଡାଏରୀ ତିଆରି କରିଥିଲା। ରାତି ଅନିଦ୍ରା ରହି ତା'ର ତିନିଶହ ପଅଁଷଠି ପୃଷ୍ଠାରେ ବାର ଓ ତାରିଖ ସେ ଲେଖିଥିଲା। ତା'ର ପ୍ରଥମ ପୃଷ୍ଠାରେ ସେ ଲେଖିଥିବା ଉଦ୍ଧୃତଟି ଆଜି ବି ତା'ର ମନେ ଅଛି। 'କେବଳ ବଞ୍ଚିବାଟା ବଡ କଥା ନୁହଁ। ଠିକଣା ଢଙ୍ଗରେ ବଞ୍ଚିବାଟା ହିଁ ବଡ କଥା।' ତା' ପର ପୃଷ୍ଠାରେ ସେ ଲେଖିଥିଲା, 'ଗୁରୁତ୍ୱପୂର୍ଣ୍ଣ ମଣିଷ ହେବା ସୁନ୍ଦର କଥା ମାତ୍ର ସୁନ୍ଦର ମଣିଷ ହେବା ତା'ଠୁ ଅଧିକ ଗୁରୁତ୍ୱପୂର୍ଣ୍ଣ କଥା।' ସେହି ଡାଏରୀର ସବୁଯାକ ପୃଷ୍ଠାରେ ଯେ କେବଳ ଏମିତି ଗମ୍ଭୀର କଥା ସେ ଉତାରିଥିଲା ତାହା ନୁହେଁ, ସେଥିରେ ସୁନ୍ଦର ସୁନ୍ଦର କବିତାର ଧାଡି ମଧ୍ୟ ସେ ସଂଗ୍ରହ କରି ଲେଖିଥିଲା। ଆଦ୍ୟ ଯୌବନର ସେହି ଦିନ ମାନଙ୍କରେ ପ୍ରେମ ଓ ଜୀବନ ସଂଗ୍ରାମ ଥିଲା ଅବଶ୍ୟ ମୁଖ୍ୟ ପ୍ରସଙ୍ଗ।

ସିଦ୍ଧାର୍ଥ ବର୍ତ୍ତମାନକୁ ଫେରି ଆସିଲା। ଆଜି ସେ

Nyasa Nabodita Presents

ଆହ୍ୱାନ

ଦ୍ୱିତୀୟ ବର୍ଷ
ପଞ୍ଚମ ସଂଖ୍ୟା
Vol: 2 Issue: 5
June 2007

ଓଡିଶାର ପ୍ରଥମ ଏବଂ ଏକମାତ୍ର ମାସିକ ସାହିତ୍ୟିକ ଇ-ପତ୍ରିକା

Visit our website today for more feature rich presentations and informations. http://aahwaan.5gbfree.com/

ପ୍ରତିବର୍ଷ ଏଭଳି ଚିକିମିକିଆ ଡାଏରୀରୁ କୋଡିଏ କି ତିରିଶି ଖଣ୍ଡ ପାଏ। ମାତ୍ର ତହିଁରୁ ଖଣ୍ଡିଏ ସୁଦ୍ଧା ତା ନିଜ କାମରେ ଆସେ ନାହିଁ। ଅଥଚ ଯେଉଁଦିନ ତାହା ଦରକାର ଥିଲା ତାହା ମିଳୁ ନଥିଲା। ଜୀବନ ଏହିପରି। ବହୁ ଦିନୁ ଡାଏରୀ ଲେଖା ଅଭ୍ୟାସ ବନ୍ଦ ହୋଇଗଲାଣି। ଯେଉଁ ଧାଡି ଗୁଡିକ ଡାଏରୀର ସାଦା ପୃଷ୍ଠା ଗୁଡିକୁ ସଂଗ୍ରହଣୀୟ କରି ଦିଅନ୍ତା, ସେଭଳି ଧାଡି ଆଜି ତା' ନିକଟରେ ନାହିଁ। ସେ ଲକ୍ଷ୍ୟକରେ ଡାଏରୀ ଗୁଡିକ ଖଣ୍ଡିଏ ଖଣ୍ଡିଏ ହୋଇ ନନ୍ଦିତାଙ୍କ ଦ୍ୱାରା ବିତରିତ ହୁଅନ୍ତି। ସେସବୁ କେତେବେଳେ ସିମେଣ୍ଟ୍ ବ୍ୟବସାୟ୍ କରୁଥିବା ମଧୁର ସଂପର୍କୀୟଙ୍କ ଚିପାଖାତା ହୁଏତ କେତେବେଳେ ଝିଅର ରଫ୍ ଖାତା। ବେଳେ ବେଳେ ତାହା ଏଭଳି ତୁଚ୍ଛ କାମରେ ଲାଗେ ଯାହା ଦେଖି ତା'ର ଯୌବନର ସ୍ମୃତି ହାହାକାର କରିଉଠେ।

ସିଦ୍ଧାର୍ଥର ଆଖି ଆଗରେ ମାଗୁଣିପଣ୍ଡାଙ୍କ ନାତିର ଦେଖା ଚେହେରା ଭାସି ଗଲା। ସବୁ କିଶୋରଙ୍କ ଚେହେରା ପରି ହେଇଥିବ ସେ ପିଲାଟିର ଚେହେରା। ସବୁ କିଶୋରଙ୍କ ପରି ହୋଇଥିବ ତା ଚାହିଦା। ଧଳା, ମସୃଣ ନୂଆ ଡାଏରୀ ପୃଷ୍ଠାରେ ସେ ଲେଖିବ ଭଲ ଲାଗିଥିବା ଉଦ୍ଧୃତି, ପ୍ରେମ ଓ ଜୀବନ ସଂଗ୍ରାମର କଥାସବୁ। ବେଳେ ବେଳେ ପାଠ କଥା ବି ସେ ଲେଖିବ। କେତେ ଛୋଟ ଓ ନିରୀହ ଆଶାଟିଏ ତାର! ମାତ୍ର ଜେଜେଙ୍କ ହାତରେ ପୁରୁଣା ଡାଏରୀ ଖଣ୍ଡିକ ଦେଖି ସେ କ'ଣ ଭାବିବ?

ଭାବପ୍ରବଣ ସିଦ୍ଧାର୍ଥ ପତ୍ନୀ ନନ୍ଦିତାଙ୍କୁ ପଚାରିଲା, 'ତୁମର ସେ ଥାକରେ ଆଉ ଡାଏରୀ ଅଛି ନା ସବୁ ତୁମ ଭଉଣୀ ଭିଣୋଇଙ୍କୁ ଦେଇ ସାରିଲଣି?'

ଅନ୍ୟଦିନ ହୋଇଥିଲେ ନନ୍ଦିତା ଚିଡି ଯାଇଥାନ୍ତେ। ମାତ୍ର ମାଗୁଣି ପଣ୍ଡାଙ୍କ ଉପସ୍ଥିତି ତାଙ୍କୁ ସେ ଅବକାଶ ଦେଲା ନାହିଁ। ସେ ଉଠିଯାଇ ଖଣ୍ଡିଏ ସୁନ୍ଦର ଓ ବଡ ଡାଏରୀ ଧରି ଆସିଲେ। ସିଦ୍ଧାର୍ଥ ସେଇଟିକୁ ଦେଇ ମାଗୁଣୀ ଚରଣଙ୍କୁ କହିଲା, 'ସେ ପୁରୁଣାଟି ଆପଣ ରଖିବେ। ଏଇଟିକୁ ନାତିକୁ ଦେବେ।'

ମାଗୁଣି ପଣ୍ଡା ହସି ହସି ଆଶୀର୍ବାଦ କଲେ, 'ମା'ର କରୁଣା ସବୁଦିନ ତୁମ ଉପରେ ରହିଥାଉ ସିଦ୍ଧାର୍ଥବାବୁ।'

ସିଦ୍ଧାର୍ଥ କିଛି କହିଲା ନାହିଁ। ତା ଆଖିଆଗରେ ନୂଆ ଡାଏରୀ ଧରିଥିବା କୈଶୋରର ଗୋଟେ ଖୁସି ଖୁସି ଚେହେରା ନାଚୁଥିଲା, ଯାହାକୁ ସେ ବହୁ ବର୍ଷ ତଳେ କଟକର ଗୋଟେ ବଖୁରିକିଆ ବସାଘରେ ମନଉଣା କରିବସିଥିବା ଦେଖିଥିଲା।

# ବନ୍ଧନ

ମନୋଜ କୁମାର ରାୟ୍ ଚୌଧୁରୀ

କାଞ୍ଚନବାଳା ଯୋଉଦିନ ଆଖି ବୁଜିଦେଲା ବନମାଳୀକୁ ଚାରିଦିଗ ଅନ୍ଧାର ଦିଶିଲା। ଘରେ ଚାରିଟା ପିଲା, ସେଥିରୁ ଦି'ଟା ସଦ୍ୟ ଅଣ୍ଡାରୁ ଫୁଟି ବାହାରିଛନ୍ତି। ପୁଣି ରୋଗୀଣା ବିଧବା ପିଉସୀ ଜଣେ। ଏମାନଙ୍କ କଥା କିଏ ବୁଝିବ। ପରିବାରଟା ଉଚ୍ଛନ୍ନ ହୋଇଯିବ। ପିଲାଗୁଡାକ ଅରଖିତ ହୋଇ ବୁଲିବେ, ବୁଢୀଟା ଯତ୍ନ ଅଭାବରୁ ଶୁଖି ଶୁଖି ମରିଯିବ। ବନମାଳୀର ପାଦତଳୁ ପୃଥ୍ୱୀଟା ଘୁଞ୍ଚିଯିବା ଭଳି ଲାଗିଲା।

ବ୍ୟସ୍ତତା ଭିତରେ ଯେନତେନ ଶୁଦ୍ଧିକ୍ରିୟା ଶେଷ କରିଦେଇ ବନମାଳି ମୁଣ୍ଡରେ ହାତଦେଇ ବସିପଡିଲା। କ'ଣ କରିବ କିଛି ତା ମୁଣ୍ଡରେ ପଶୁନଥିଲା। ଛୁଆ ଗୁଡାକ ନୁଖୁରାମୁଣ୍ଡା ହୋଇ ବୁଲୁ ଥାଆନ୍ତି। ବୁଢୀଟା କତରାରେ ପଡି ଖୁଁ ଖୁଁ ହେଇ କାଶୁଛି। ଘର ଅରମା ହେଇ ପଡିଛି। ଏଇ ସମୟରେ ବନମାଳୀର ମନେ ପଡିଲା ସୁରବାଳା କଥା। ସୁରବାଳାଙ୍କୁ ଡାକିଲେ ହୁଅନ୍ତା। କିନ୍ତୁ କୋଉ ମୁହଁରେ ତା' ପାଖକୁ ଯିବ!

ସୁରବାଳା ବନମାଳୀର ଦୂରସଂପର୍କୀୟ ଭଉଣୀ। ପାଖ ଗାଁରେ ତା' ଶଶୁର ଘର। ଅଳପ ବୟସରୁ ବିଧବା ହେଇଥିଲା। ଶାଶୁଘର ଅତ୍ୟାଚାର ସହି ନପାରି ଆଗରୁ ବେଳେ ବେଳେ ବନମାଳୀ ଘରକୁ ଆସୁଥିଲା। ଭଲ କାମିକା ଝିଅଟା। ହେଲେ ତା'କୁ ଦେଖିଲେ କାଞ୍ଚନବାଳାର ନାହି ଡେଉଁଥିଲା। ବୁଲେଇ ବଙ୍କେଇ ତା'କୁ ଯାଚ୍ଛାତା କହୁଥିଲା। ସେ ପୁଣି ଫେରିଯାଉଥିଲା ଶାଶୁଘରକୁ। କିନ୍ତୁ ପୁଣି ଆସୁଥିଲା ବି। ହେଲେ ଥରେ ସେ ଆସିଥିବା ବେଳେ କାଞ୍ଚନବାଳାର

Nyasa Nabodita Presents

ଆହ୍ୱାନ

ଦ୍ୱିତୀୟ ବର୍ଷ
ପଞ୍ଚମ ସଂଖ୍ୟା
Vol: 2 Issue: 5
June 2007

ଓଡିଶାର ପ୍ରଥମ ଏବଂ ଏକମାତ୍ର ମାସିକ ସାହିତ୍ୟିକ ଇ-ପତ୍ରିକା

Visit our website today for more feature rich presentations and informations. http://aahwaan.5gbfree.com/

ପଟେ କାନଫୁଲ ହଜି ଯାଇଥିଲା । ସେଥର କାଞ୍ଚନବାଳା ତାକୁ ଚୋରଣୀ କହି ଘରୁ ବାହାର କରିଦେଇ ଥିଲେ। ଅପମାନରେ କାନ୍ଦି କାନ୍ଦି ସୁରବାଳା ସେଇଦିନ ଚାଲି ଯାଇଥିଲା । ତା ପକ୍ଷ ନେଇ ବନମାଳୀ ପଦୁଟିଏ ବି କଥା କହିନଥିଲା । ସେଦିନୁଁ ସେ ଆସେ ନାହିଁ। ଆଜି ଦରକାର ପଡିବାରୁ ବନମାଳୀ ତାକୁ ଡାକିବ କୋଉ ମୁହଁରେ ।

ହେଲେ କୋଉଠୁ ଖବର ପାଇ ସୁରବାଳା ଆପେ ଆପେ ଆସିଲା । କାନ୍ଦି କାନ୍ଦି କହିଲା, 'ଏତେବଡ କଥା ହୋଇଗଲା, ଖବର ଅନ୍ତର ବି କଲନାହିଁ?'

ବନମାଳୀ କହିଲା, 'ମୁଁ ଏକୁଟିଆ ମଣିଷଟେ, କେତେ କୁଆଡକୁ ହେବିରେ ସୁର! ମୋ ସଂସାରତ ଉଛନ ହୋଇଗଲାଣି । ତୁ ଆସିଲୁ ଭଲ କଲୁ।'

ସେଦିନ ସଞ୍ଜବେଳେ କାମରୁ ଫେରି ବନମାଳୀ ଦେଖିଲା ଘରଟାର ଚେହେରା ପୁରା ବଦଳିଯାଇଛି । ଜିନିଷପତ୍ର ସଜଡା ହୋଇ ଥୁଆହୋଇଛି । ପିଲାଏ ସଫା ପୋଷାକ ପିନ୍ଧି ହସୁଛନ୍ତି । ରୋଷେଇଘରୁ ତରକାରୀ ଛୁଙ୍କର ବାସ୍ନା ଆସୁଛି । ବହୁତ ଦିନପରେ ସବୁକିଛି ଆଗପରି ଲାଗୁଛି । ତା ମନଟା ଖୁସି ହୋଇଗଲା ।

ଏମିତି ଦିନ ଗଡି ଚାଲିଲା । ସୁରବାଳା ହାତରେ ବନମାଳୀର ଭଙ୍ଗା ସଂସାର ପୁଣି ହସି ଉଠିଲା । ଆଗଠୁ ବି ଆହୁରି ସୁନ୍ଦର ଦିଶିଲା । ଶାଶୁଘରେ ଦି ଓଳି ଦି' ମୁଠା ଭାତ ଖାଇ ଗଧ ଖଟଣି ଖଟୁଥିବା ସୁରବାଳା ବି ପ୍ରଥମ ଥର ପାଇଁ ଘରଣୀ ହେବାର ସୁଆଦ ପାଇଲା । କିଏ କ'ଣ ଖାଇବ କି ପିନ୍ଧିବ; କୋଉ ଘରେ କ'ଣ ରହିବ ନ ରହିବ- ସୁରବାଳା ନହେଲେ ନ ଚଳେ । ତା' ସୁଆଦିଆ ରାନ୍ଧଣା ଖାଇ ବନମାଳୀଟା ବି ମୋଟା ସୋଟା ହୋଇଗଲା କେଇ ମାସ ମଧ୍ୟରେ ।

ଏସବୁ ଭିତରେ ଗୋଟେ ଭୟ ତା ଭିତରେ ବସା ବାନ୍ଧିଲା ଧିରେ ଧିରେ । ବନମାଳୀ ଯଦି ଆଉଥରେ ବାହାହୁଏ!! ନୂଆ ସ୍ତ୍ରୀ ଆସିଲେ ସବୁ ଦାୟିତ୍ୱ ହାତକୁ ନେଇଯିବ । ତଡିଦେବ ତାକୁ କାଞ୍ଚନବାଳା ପରି । ସେ ପୁଣି ଫେରିବ ଶାଶୁଘର ନର୍କକୁଣ୍ଡକୁ!!! ଏ କଥା ଭାବିଭାବି ଦିନେ ରାତିରେ ତାକୁ ନିଦ ହେଲାନି ।

ସୁରବାଳାର ଭୟ ବଢିଲା । କେହି ବନ୍ଧୁବାନ୍ଧବ ଘରକୁ ଆସିଲେ ସେ ତାଙ୍କ କଥା ଲୁଚି ଛପି ଶୁଣିଲା । ଅଜଣା ଲୋକଙ୍କୁ ଦେଖିଲେ ତା' ଛାତିରେ ଛନକା ପଶିଲା- ବାହା ପ୍ରସ୍ତାବ ନେଇ କି ଆସିଛନ୍ତି କି!! ବନମାଳୀର ମନକଥା ଜାଣିବାକୁ ଦିନେ ଖାଇବାବେଳେ କଥାଟିକୁ ଉଠେଇଲା ସୁରବାଳା । କହିଲା, ତା ମାମୁ ଶଶୁରଙ୍କର ଝିଅଟିଏ ଅଛି । ବନମାଳୀକୁ ଠିକ୍ ସାଜିବ । ହେଲେ ତା କଥାକୁ ବନମାଳୀ ହସରେ ଉଡେଇ ଦେଇ କହିଲା, 'ତୋ ହାତରେ ତ ମୋ ଘର ଠିକ୍ ଚାଲିଛି, ଆଉ ଥରେ ବାହା ହେବା କ'ଣ ଦରକାର । ତୁ ମତେ ସେ ଭିତରେ ଆଉ ଜମା ପୁରାନା ।'

ତା କଥାରେ ସୁରବାଳାର ମନ ଖୁସି ହୋଇଗଲା, କିନ୍ତୁ ଡର ଗଲାନି । ମରଦ ମନ; ତା'ର କଣ କିଛି ଠିକଣା ଅଛି! ବନ୍ଧୁବାନ୍ଧବ ଓ ପାଖ ପଡୋଶୀଙ୍କ ତରଫରୁ ବି ଦ୍ୱିତୀୟ ବାହାଘର ପାଇଁ ବନମାଳୀ ଉପରେ ଚାପ ପଡିଲା । ହେଲେ ସେ ବାହା ହେବ ନାଇଁ ବୋଲି ସମସ୍ତଙ୍କୁ ରୋକ୍‌ଠୋକ୍ ଶୁଣେଇଦେଲା ।

ଏମିତି ଦିନେ ବନମାଳୀକୁ ଜ୍ୱର ହେଲା । ସାଧାରଣ ଜ୍ୱର, ହେଲେ ଦିନ ଦି'ଟାରେ ସୁକୁମାରିଆ ବନମାଳୀ ଭାରୀ ଦୁର୍ବଳ ହୋଇପଡିଲା । ତା'ସେବାରେ ସୁରବାଳା ଲାଗିଥାଏ । ଟିକେ ଭଲ ହେବାପରେ ତୃତୀୟ ଦିନ ଖରାବେଳେ ସେ ସୁରବାଳାକୁ କହିଲା ବୁଲେଇକି, 'ଆଲୋ ସୁର, ତୁ କହୁଥିଲୁ ପରା ତୋ ମାମୁ ଶଶୁରଙ୍କର ଝିଅଟିଏ ଅଛି!' ତା କଥା ଶୁଣି ସୁରବାଳାର ମୁହଁଟା ମୁର୍ଦ୍ଦାର ଭଳି ଶୁଖିଗଲା । ପାଟିରୁ କଥା ବାହାରିଲାନି । ବନମାଳୀ ପୁଣି କହିଲା, 'ମୋର ଏବେ ବାହା ହେବା ବୟସ ନାହିଁ, ମୁଁ ବୁଝୁଛି, ହେଲେ ଏମିତି ରୋଗ ବଇରାଗ ବେଳେ ନିଜର କେହିଜଣେ ପାଖରେ ଦରକାର କି ନାଇଁ!!' ରାତିରେ ଶୋଷ ହେଲେ ପାଣି ଟୋପେ ଦେବାକୁ, ଦେହ ମୁଣ୍ଡରେ ହାତ ମାରିବାକୁ କିଏ ମୋର ଅଛି! ମୁଁ ତୋ କଥା ନ ମାନି ଭୁଲ କରିଛି । ସ୍ତ୍ରୀଟିଏ କେତେ ଦରକାର ସେ କଥା ଏଇ ଜ୍ୱର ବେଳେ ମୁଁ ବୁଝିପାରିଛି । ତୁ କଥା ପକା !'

ସୁରବାଳା ଦେହରୁ ପରସ୍ତେ ଝାଳ ବୋହିଗଲା ।

ସରବତ ଗିଲାସଟା ଥୋଇଦେଇ ସେ ଥରଥର ପାଦରେ ବାହାରିଗଲା। ଯାଇ ପଛପଟ ପିଣ୍ଡାରେ ଗୁମ୍ମାରି ବସିଗଲା। ବନମାଳୀ ବାହା ହେବ! ନୂଆ ସ୍ତ୍ରୀ ଆସିବ! ସୁରବାଳା ତା ଶାଶୁ ଘରକୁ ଫେରିଯିବ!! ତା' ମୁଣ୍ଡ ଭିତରଟା ଗୋଳମାଳ ହୋଇ ଯାଉଥିଲା। ସେ ଆକାଶକୁ ଚାହିଁ ଭାବିଲା, 'ଭଗବାନ ମୋତେ ବନମାଳୀର ଆତ୍ମୀୟ କରିକି କାହିଁକି ପଠେଇଲୁ, ତା ମା' ପେଟର ଭଉଣୀ କାହିଁକି କଲୁନି। ସେୟା ହୋଇଥିଲେ ତ ମୁଁ ତା ଦିହମୁଣ୍ଡରେ ହାତ ବୁଲେଇ ପାରିଥାନ୍ତି, ରାତିରେ ତା କୋଠରୀରେ ତାକୁ ଜଗି ଏକା ଶୋଇ ପାରିଥାନ୍ତି!!'

ସେ ଦିନସାରା ସୁରବାଳା ଅନ୍ୟମନସ୍କ ରହିଲା। ପିଲା ଓ ପିଉସୀଙ୍କ ଖାଇବା ପିଇବା କଥା ତା' ମୁଣ୍ଡରେ କିଛି ପଶିଲାନି। ହେଲେ ସଞ୍ଜବେଳେ ବହୁଦିନପରେ ବାଳରେ ତେଲ ଲଗେଇ ବଡ ଯତ୍ନରେ ମୁଣ୍ଡ ବାନ୍ଧିଲା। ଲୁଚେଇକି ମୁହଁରେ ଟିପେ ସାବୁନ ମାରିଲା। ପିଲା ଓ ପିଉସୀ ଶୋଇବା ପରେ ବନମାଳୀର କୋଠରୀକୁ ଗଲା। ତଳେ ସପ ପକେଇବାର ଶବ୍ଦରେ ବନମାଳୀ ଆଖି ଖୋଲି କହିଲା, 'ସୁର, ତୁ ଆଜି ଏଇଠି ଶୋଇବୁ?'

'ହୁଁ'

'ଭଲ। ରାତିରେ ମତେ ଭାରୀ ଡର ଲାଗେ। ସପନରେ ତୋ ନୂଆବୋଉ ଆସେ।'

ପଲଙ୍କ କଡରେ ବସି ସୁରବାଳା ବନମାଳୀର କପାଳରେ ହାତ ବୁଲେଇ କହିଲା, 'ଜର ଛାଡିଗଲାଣି। ତମେ ଶୋଇପଡ।'

ଆଖି ବନ୍ଦକରି ବନମାଳୀ ସୁରବାଳାର ପାପୁଲିର କୋମଳ ସ୍ପର୍ଶକୁ ଅନୁଭବ କରୁଥିଲା। ପୁଣି ତା ହାତକୁ ଆଖି ଉପରେ ରଖିବାକୁ କହିଲା। ତାକୁ ଆଉଁସି ଆଉଁସି ସୁରବାଳା କହିଲା, 'କଥା ନ କହି ଶୋଇପଡ। ରାତି ଅନେକ ହେଲାଣି।'

ତା'କଥା ଶୁଣି ବନମାଳୀ ଆଖି ବନ୍ଦ କରି ଶୋଇଲା। ସୁରବାଳା ସେମିତି ବସି ରହିଲା। ଘରକୋଣରେ ମିଞ୍ଜି ମିଞ୍ଜି ଜଳୁଥିଲା ଲଣ୍ଠନଟେ। ସେଇ ଆଲୁଅରେ ସୁରବାଳା ଆଖିରେ ଲୁହ ଦି'ଧାର ଚକ୍ ଚକ୍ କରୁଥିଲା।

(ମୂଳ ବଙ୍ଗଳା ଗଳ୍ପର ସଂକ୍ଷିପ୍ତ ମର୍ମାନୁବାଦ)

## ଆମ ଗାଁ ହାଲ୍‌ଚାଲ୍

ବାହା ହେବାର ବର୍ଷେ ନ ପୁରୁଣୁ ଲଖୀ (ଲକ୍ଷ୍ମୀ)ର ଗୋଡରେ ପୁଅଟେ ଖେଳିଲା। ଆଉ ତା ମରଦ କୁଶ ଗାଁ ଦାଣ୍ଡରେ ନିଶ ମୋଡି ମୋଡି ବୁଲିଲା। ହେଲେ ଧର୍ମକୁ ବୋଧହୁଏ ସହ୍ୟ ହେଲାନି, ଦିନ ଦିପହରରେ ଗାଁ ଦାଣ୍ଡରେ ଗୋରୁ ଦଉଡାଦଉଡି ବେଳେ ସାମନାରୁ ଆସୁଥିବା କୁଶ ଉପରେ ପଡିଯାଇଥିଲା, ଆଉ ସେଇଠି ହିଁ ସେ ତୋ ହୋଇଗଲା। ଗାଁ ଦାଣ୍ଡରେ ଅନ୍ତ ବୁଜୁଳା ବାହାରି ପଡିଗଲା। ନିଜର ଦିଣ୍ଡା ପୁଅର ମଡଟେକିବାକୁ ସାହାସ କରିପାରିଲାନି ହୀନ ଗଉଡ। ଗାଁ ପିଲେ ଡକା ଡକି ହେଇ ମଡ ଉଠେଇଲେ। ମାସଟେରେ ସମସ୍ତେ ଭୁଲିଗଲେ କୁଶ ବିଷୟରେ। ହେଲେ ଲଖୀର କାନ୍ଦ ବନ୍ଦ ହେଲାନି। ଲଖୀର ବୋଉ ଆସି ଝିଅକୁ ନେବାକୁ କହିଲା। ହୀନ କାଠପଥର ଭଳିଆ ବସିଥିଲା। କାର୍ଜି କହିଲେ, ହେଇପାରିବନି। ଲଖୀ ବାହା ହେଇଚି ଯେତେବେଳେ, ଏକା ମଲେ ସେ ଏ ଘରୁ ଯିବ ନଇଲେ, ନାଇଁ।

କରଣେ କହିଲେ, ସେ କଥା ସତ ଯେ, ହେଲେ ଲଖୀର ବୟସ କେତେ। ଏତେ କମ୍ ବର୍ଷ ବୟସରୁ ସେ ବିଧବା ଭଳି କାହିଁକି ରହିବ? ଯୁଗ ବଦଳିଲାଣି। ଶହେ ବର୍ଷ ତଳେ ରାଜା ରାମମୋହନ ରାୟ ବିଧବା ବିବାହ ନିଷେଧ ପ୍ରଥା ଉଠେଇ ସାରିଚନ୍ତି, ମାତ୍ର କାର୍ଜି କହିଲେ, କିଏ ବାହା ହେବ ହେ? ଶେଷକୁ ଗାଁ ଦାଣ୍ଡରେ ରାୟ ହେଇଗଲା, କୁଶର ସାନ ଭାଇ ସନିଆ ସହ ପୁରୀରେ ଯାଇ ଥୁଆଥୁଇ (ବିବାହ) ହେବ। ଲଖୀର ମୁଣ୍ଡରେ ସିନ୍ଦୁର ଲାଗିଗଲା। ଲଖୀବୋଉ ଖୁସି। ସନିଆ, ସାନ ପିଲାଟା। ଘର ଗ୍ରହସ୍ତି (ଗୃହସ୍ଥି) କଣ ଜାଣିବ। ସେ ଯା ହେଉ ହୀନ ଗଉଡର ଦୁଃଖ କିଛି କମିଗଲା।

ମାସ ଦୁଇଟ ହେଇନି, ସନିଆ କୁଆଡେ ପଳେଇଲା। ଗାଁ ବାଲାଏ କେତେ ଖୋଜିଲେ, କିଏ କିଏ କୋଲିଆରୀକୁ ଫୋନ୍ ବି କଲେ ହେଲେ ପତା ମିଳିଲାନି। ଶେଷରେ କରଣେ ଖବରଟା ଥାନାରେ ଦେଲେ। ଦିନ, ମାସ, ବର୍ଷ ଗଲା କିନ୍ତୁ କିଛି ଖବର ମିଳିଲା ନି। ହୀନ ଗଉଡ

ଥାନାରେ ହିଁ ଘର କରିଦେଲା । ଦିନରାତି ଥାନା ଚାରିପାଖରେ ବୁଲି ବୁଲି ପୁଅ ବିଷୟରେ ଖବର ବାହାର କରିବାକୁ ଚେଷ୍ଟା କଲା । ଥାନା ବାବୁ ଅଭୟ ଦେଲେ କହିଲେ, ନିଶ୍ଚୟ ତା ପୁଅ କୁ ଖୋଜି ଆଣିବେ । ସେଇ ଆଶାରେ ଥାନା ବାବୁଙ୍କ ଘରେ ଚାକର ପରି ଖଟିଲା । ଶେଷରେ ଛ'ମାସ ବିତିଯିବା ପରେ ଦିନେ ଥାନା ବାବୁ କହିଲେ, ଯା' ତୋ ପୁଅ ଆଉ ନାହିଁ । ସରକାରୀ ବହିରେ ଲେଖା ଅଛି, ଯଦି କୋଉ ଲୋକ ଛ' ମାସରୁ ଅଧିକ ହଜିଯାଏ, ଆଉ ତା ପତା ମିଳେନି, ତା'ହେଲେ ତାକୁ ମୃତ ବୋଲି ଧରି ନିଆଯିବ । ହୀନ ଗଉଡର ପାଦତଳୁ ଜମି ହଜିଗଲା । ବଡ ପୁଅ ଯିବାର ବର୍ଷେ ହେଇନି, ସାନ ବି ଗଲା । ଆଉ ତା'ର କେହି ସାହା ନାହାନ୍ତି ।

ଗାଁରେ ପାଦ ଦେଉ ଦେଉ ଲଖୀ ବୋଉ ଘରେ ଯାଇ ବାହାରି ଥାଇ ରଡି ପକାଇ କହିଲା, 'ତୋ ଝୁଅ ମୋ ଦି ପୁଅକୁ ଖାଇଲା । ଯା' ତୋ ଝୁଅକୁ ନେଇଯା, ନଇଲେ ତୋ ବଂଶ ନିପାତ କରିଦେବି । ଦିପହରରେ ଗାଁ ଦାଣ୍ଡରେ ଗୋଟେ ଯାତ୍ରା ହେଇଗଲା । କାର୍ଜି କରଣେ ହୀନର ରାଗ ଦେଖି ଘରେ ଲୁଚିଲେ । କିଏ ଜାଣିଛି, ଗଉଡ ମୂର୍ଖ, ମୁଣ୍ଡ ଠିକ୍‌ଥିଲେ ସବୁ ଠିକ୍ ନଇଲେ, କଣ କରିବ କିଏ କହିବ? ସଞ୍ଜ ହେଉ ହେଉ ଲଖୀ ବାପଘରେ ପହଞ୍ଚିଯାଇ ଥିଲା । ହୀନ ଦୁତିଅ ପୁଅର ଶ୍ରାଦ୍ଧ ବି କଲା । ଭେଣ୍ଡିଆ ପୁଅ ଦି ଦିଟାର ମରଣ କୋଉ ବାପା ସହନ୍ତା ସତରେ । ପାଗଳ ହୋଇଗଲା ବୋଲି ସବୁ କହିଲେ । ଗାଇ ଗୋଠ ଧରି ଗଲେ, ନିଇତି ଗାଇ ବାଛୁରୀ ଛାଡି ଦେଇ ଆସେ, ମୁହଁ ସଞ୍ଜରେ ଯାଏ ଖୋଜିବାକୁ । ଜମିବାଡି ନାଇଁ, ସେଇଥି ଲାଗି, ଆଉ କିଛି ଉପାୟ ନଥିଲା । ଗାଁ ପିଲେ କଥା ହେଲେ, ବୁଡା କୁଆଡେ ପୁରା ପାଗଳ ହେଇଗଲା । ନିଜକୁ ନିଜେ ମନକୁ ମନ କଥା ହେଉଛି । କାହାକୁ ଦେଖିଲେ ମାରିବାକୁ ଚିହିଁକି ଆସୁଚି ।

ଲଖୀର ପୁଅକୁ ବର୍ଷେ ପୁରିଲା ସିନା ବର୍ଷ ପୁରାଣି ହେଲାନି । ଲଖୀବୋଉ ମନ୍ଦିରରେ ଯାଇ ପୂଜାରୀକୁ ଦି ଟଙ୍କା ଦେଇ ଘିଅ ଦୀପଟେ ଜାଳିବାକୁ କହିଦେଇ ଆସିଲା । କାର୍ଜି କହିଲେ, କଥାଟା ଭଲ ହେଲାନି । ଏତିକି କଥାରେ ଲଖୀବାପା କାତିଟେ ଧରି ଦଉଡି ଆସି କହିଲା, 'ଆଜି ମୁଣ୍ଡଟା ଛିଡେଇ ଦେବି । ତୁମ କାର୍ଜି କରଣ ପଣିଆ ଛିଡିଯିବ । ମୋ ଝିଅର ସଂସାର ଉଜାଡିଚ, ତୁମକୁ ଧର୍ମ ସହିବନି ।' ସବୁ ଚୁପ୍‌ଚାପ ହେଲା ବେଳକୁ, ଗାଁ ଗ୍ରାମରକ୍ଷୀର ପୁଅ ଯିଏ ସୁରାଟ ଯାଇଥିଲା, ସେ ଫେରି କହିଲା, ଯେ ସନିଆ ସୁରାଟରେ ଅଛି । ଏ କଥା ଶୁଣି ଲଖୀବାପ ଧାଇଁଲା, ହୀନ ପାଖକୁ । ଦି ବୁଡା କୋଳାକୋଳି ହେଇ କାନ୍ଦିଲେ । ସାଙ୍ଗେ ସାଙ୍ଗେ ଲଖୀବାପା ସୁରାଟ ଯିବାପାଇଁ ବାହାରି ପଡିଲା । ସଞ୍ଜବେଳକୁ ହୀନଗଉଡ ନାତିର ବର୍ଷପୁରାଣି ପାଇଁ ଗନ୍ଧିଆ ପାକୁଡି (ଗାଁର ମିଠା ଦୋକାନୀ, ଯାହାକୁ ପିଲାଏ ସ୍ନେହରେ ଏଇ ନାଁ ଦେଇଛନ୍ତି) ଦୋକାନରେ ଗୁଡା ଦେଇ ଭୋଜି କଲା । ଗାଁ ଲୋକଙ୍କୁ ବସେଇ ଯାହା ବି ହେଉ ଭୋଜିଟିଏ ଦେଲା ।

ଲଖୀବୋଉକୁ ଆଉ ମୁହଁ ମିଶେଇ ଦେଖି ପାରିଲାନି । କହିଲା, 'ସମୁଦୁଣୀ, ଯାହା ହେଲା ହେଲା, ମୋ ବୋହୂକୁ ଘରକୁ ପଠେଇ ଦିଅ । ଦିଣ୍ଡା ପୁଅ ଦି ଦିଟା ଯିବା ଦୁଃଖରେ କିସ କିସ କହିଦେଲି, କଥା ଧରିବନି ।' ଯା ହେଉ ଗାଁ ଶାନ୍ତ ହେଇଗଲା, ମାତ୍ର କାର୍ଜିପୁଅ ନୋକା (ଲୋକନାଥ) କହିଲା, 'ମୋତେ କଥାଟା କାଇଁକି କେଜାଣି ରାମି ଥିଲା ଭଳିଆ ଲାଗୁଛି । ଯା ଧନିଆ(ଗ୍ରାମରକ୍ଷୀର ପୁଅ)କୁ ଡାକି ଆଣିବୁ । ଧନିଆ ଆସିଲା । କିନ୍ତୁ ସେ କିଛି ଜାଣିନି ବୋଲି କହିଲା । ଆଉ ଖଇନି ପାକିଟ୍ ଖୋଲି ଦି ଚିମୁଟା ତା ହାତକୁ ଦେଇ ନୋକା କହିଲା, 'ଛାଡେ ସେ ସବୁ କଥା, ଯାହା ହେଲା ହେଲା, ସନିଆ ଏତେ ଦିନ ହେଲା ସୁରାଟରେ ଥିଲା, ମାତ୍ର କିଏ ହେଲେ କିମିତି କଇଲନି? ତମେ ସବୁ ଫୋନ୍ କଲେ ସେ କହୁନଥିଲା ନନା ପାଖକୁ ଫୋନ୍ କରିବା ପାଇଁ? ଆଉ କଥା ବାହାରୁ ବାହାରୁ ବାହାରି ଗଲା । ଧନିଆ କହିଲା, ସେ କହୁଥିଲା ଗାଁକୁ ଆଉ ଆସିବନି ।

ଦିନ ଦଶଟାରେ ଲଖୀବାପା ସୁରାଟରୁ ଫେରିଆସିଲା । ହୀନକୁ କହିଲା ସବୁ ଭଲ ଅଛି । ଜୋଇଁ ସେଇଠି ଭଲରେ ଅଛି, ବଡ କାରଖାନାରେ କାମ କରୁଛି । ହୀନ ମୂର୍ଖ ଲୋକ ସବୁ ବୁଝିଗଲା ପରି ମୁଣ୍ଡ ଟୁଙ୍ଗାରିଦେଲା । ଲଖୀବାପା ଘରକୁ ଗଲାପରେ ଲଖୀବୋଉ କହିଲା, 'ହଇ ହେ, ତମେ କି ଲୋକ ବା ଯାଇଥିଲ ଯେତେବେଳେ ଜୋଇଁକୁ

Nyasa Nabodita Presents

ଆହ୍ୱାନ

ଦ୍ୱିତୀୟ ବର୍ଷ
ପଞ୍ଚମ ସଂଖ୍ୟା
Vol: 2 Issue: 5
June 2007


ଓଡିଶାର ପ୍ରଥମ ଏବଂ ଏକମାତ୍ର ମାସିକ ସାହିତ୍ୟିକ ଇ-ପତ୍ରିକା

Visit our website today for more feature rich presentations and informations. http://aahwaan.5gbfree.com/

ସାଥୀରେ ଧରି ଆଇଲନି କିଆଁ?' ଲଖୀବାପା କହିଲା, 'ତୁ ମୋଟା ବୁଦ୍ଧି ଆଉ ବାହାର କରେନା, ଯା ଖାଇବାକୁ ଆଣ।' ଲଖୀବୋଉକୁ କଥା ଭଲ ଲାଗିଲାନି। ରାତିରେ ଶେଯରେ ଶୋଇଲାବେଳକୁ ଲଖୀବାପାର ଗୋଡହାତ ଘଷିଦେଉ ଦେଉ କହିଲା, କିଛି କହିଲନି ଯେ। ଲଖୀବାପା କହିଲା, 'ଲଖୀବୋଉ, କାହାକୁ କିଛି କହନା, ଆମ ଇଜ୍ଜତ ତଳେ ପଡିଯିବ। ଆମ ଜୋଇଁ ଆଉ ଆମର ନାଇଁଲୋ। ସେଇଠେ ବାଟଗୋସେଇଁପୁର ହରିଗଉଡ ଝୁଅକୁ ବିହା ହେଇକି ରଖିଚି। ମୁଁ ଡାକିବାରୁ କହିଲା, ତୋ ଝୁଅକୁ ମୋ ଭାଇ ବାହା ହେଇଥିଲା। ମୋ ମୁଣ୍ଡରେ କାହିଁକି ମୁଣ୍ଡେଇ ଦେଲ? ମୁଁ ଗାଁକୁ ଯିବିନି, ଯାଅ ନନାକୁ କହିଦେବ, ମୁଁ ଠିକ୍ ଅଛି ମାତ୍ର ଗାଁକୁ ଆସିବିନି।

ସକାଳୁ ସକାଳୁ ଗାଁ ତୁଠରେ ଲଖୀବୋଉ ତୁଣ୍ଡରୁ ଖବର ସର୍ଜନୀକୁ ହେଇଗଲା। ଦିପହର ବେଳକୁ ଗାଁରେ ସବୁଲୋକ ନାକରେ ହାତଦେଇ ହସୁଥିଲେ। ହୀନର ଛାତିବଥା ହେବାରେ କରଣେ କହିଲେ, ଆଉ ବଞ୍ଚିବନି। ଶେଷକୁ ସୁରାଟ୍ ଫୋନ୍ କରି ସନିଆକୁ ଖବର ଦିଆଗଲା। ଦି ଦିନାପରେ ସନିଆ ନୂଆ କନିଆକୁ ଧରି ଗାଁରେ ଆସି ପହଞ୍ଚିଲା। ତାକୁ ଦେଖି ଲଖୀ ଯେତେ ଖୁସି ହେବା କଥା ସେତିକି ଦୁଃଖୀ ହେଲା। ମାତ୍ର କିଛି କହିବାର ଯୁ ନଥିଲା। ଗାଁ ଲୋକ ବସି ସଭାସମିତି କଲେ। କଥାଟା ସୁନ୍ଦର ହେଲାନି ବୋଲି କାର୍ଜି କହୁଥିଲେ। କରଣେ କହିଲେ, ଦୋଷ ତ ଆମର। ଆମେ ସିନା ଲଖୀ କଥା ଭାବିଲେ, କିଏ ହେଲେ ସନିଆକୁ ପଚାରିଥିଲା କି?' ନୋକା କହିଲା, 'ଦି ପାହାର ପଡିଲେ ପିଲାର ପ୍ରେମ ବାହାରି ଯିବ। ଶଳା ନିଜ ସ୍ତ୍ରୀ ଥାଉ ଥାଉ ଆଉଗୋଟେ କିମିତି ବାହା ହେଲା?' ସନିଆ ସୁରାଟରେ ବର୍ଷେ ରହି ଚାଲାକ୍ ହେଇ ଯାଇଥିଲା। କହିଲା, 'ସାନ କାର୍ଜି, ବେଶି କଥା ଆଉ କହନା। ଭଲମନ୍ଦ ମୋତେ ଜଣା। କିଏ ମୋ ଦେହରେ ହାତ ଦେବ ଦେଖିବା?' କଥାଟା ନରମରୁ ଗରମ ଆଡକୁ ଗତି କରୁଥିବା ଦେଖି କାର୍ଜି କରଣେ କହିଲେ, ଆଉ ବାହା ହେଇଥିବା ସ୍ତ୍ରୀଟାକୁ ତ ଛାଡି ପାରିବନି। ହେଲେ ବେଦୀରେ ବସି ବାହା ହେଇନି! ତେଣୁ ତା' ବାହା କଲେ ହିଁ ସେ ଝିଅକୁ ତୋ ସ୍ତ୍ରୀ ବୋଲି ଧରାଯିବ।

ହୀନ ବାଧ୍ୟ ହୋଇ ବାହାଘର ଯୁଗାଡ କଲା। ଟେଂପୁରେ ବସି ଗାଁ ଦାଣ୍ଡରେ ଦି ଜଣ ମରଦସ୍ତିରୀ ବୁଲିଲେ। ଆଉ ଦିନ ପାଞ୍ଚଟା ପରେ ସନିଆ ସୁରାଟ, ପଳେଇଲା। ଲଖୀ ରହିଗଲା, ଯୋଉ ଏକା କୁ ସେଇ ଏକା। ସ୍ୱାମୀ ନଥାଇ ବି ସଧବା, ମୁଣ୍ଡରେ ସିନ୍ଦୁର ବୋଲି ହୀନର ସେବାରେ ଲାଗିଲା। ଆଖିକୁ ଦୁଶୁନି ବୋଲି, ହୀନ ଲଖୀକୁ ବୋହୂ କମ୍ ଝିଅ ଭଳି ରଖିଚି। ଆଉ ସନିଆ ଦିନେ ତା ପାଖକୁ ଫେରିବ ବୋଲି ଆଶା ନଥାଇ ବି ଲଖୀ ସିନ୍ଦୁର ମାଖି ଘର ଟା ଦେଖାଶୁଣା କରୁଛି।









Nyasa Nabodita Presents

# ଆହ୍ୱାନ

ଦ୍ୱିତୀୟ ବର୍ଷ
ପଞ୍ଚମ ସଂଖ୍ୟା
Vol: 2 Issue: 5
June 2007

ଓଡିଶାର ପ୍ରଥମ ଏବଂ ଏକମାତ୍ର ମାସିକ ସାହିତ୍ୟିକ ଇ-ପତ୍ରିକା

Visit our website today for more feature rich presentations and informations. http://aahwaan.5gbfree.com/

## ଚାରିପଦିଆ କବିତା

### ଗ୍ରୀଷ୍ମର

ବାଟ ଅବାଟର ଲୁଚକାଳି ଖେଳ,
ପିଲାମାନଙ୍କର ସାଙ୍ଗସାଥୀ ମେଳ,
ବିବାହୋପରାନ୍ତ ସ୍ୱାର୍ଥୀ ଜୀବନ,
ଗ୍ରୀଷ୍ମ ନିଦାଘ, ନିଶ୍ଚଳ ପବନ।

ବହୁଛି ଲେଲିନ ନିଆଁର ଶିଖା,
ହାତବାନ୍ଧି ପ୍ରଭୂ ଦିଅନ୍ତି ଭିକ୍ଷା,
କରୂଣ, ଚାତକ ରହିଛି ଚାହିଁ,
ଆକାଶରେ ମେଘ ମୁଠାଏ ନାହିଁ।

ଉପକୂଳବର୍ତ୍ତୀ ଅଭାବି ବାୟୁ
ଗ୍ରୀଷ୍ମର ପ୍ରଭୂ କମାଅ ଆୟୁ
ବୃକ୍ଷରାଜିର ନଗ୍ନଶରୀର ନୃତ୍ୟ
ଦୀର୍ଘନିଃଶ୍ୱାସ ଏକା ହୋଇଛି ଭୃତ୍ୟ।

ବିରହୀ ପ୍ରେୟସୀର ପଦଚାରଣ
ମେଘହୀନ ଆଖିରେ ବର୍ଷାର କାରଣ
ଦିଶିଲାଣି ଆକାଶରେ କିଞ୍ଚିତ୍ ସହସା
ମୁନ୍ଦାଏ ଜଳ ଝରିବ ଦେଉଅଛି ସେ ଆଶା।

## ଶ୍ରୀ ଜଗନ୍ନାଥଙ୍କର ସ୍ନାନଯାତ୍ରା

ନିର୍ମଳ ମିଶ୍ର

ଲୋକମାନଙ୍କର କଲ୍ୟାଣ ନିମନ୍ତେ ବିଭିନ୍ନ ପ୍ରକାର ଗୁଣବିକାର, ରୂପ, ଭାବ ଓ ଭଙ୍ଗୀରେ 'ଜଗତର ନାଥ ଜଗନ୍ନାଥ' ନିଜର ଲୀଳା ପ୍ରକଟ କରୁଅଛନ୍ତି। ଏବଂ ଲୀଳା ବିସ୍ତାରର ଉତ୍କୃଷ୍ଟ ମାଧ୍ୟମ ରୂପେ ଯାତ୍ରାମାନଙ୍କୁ ପ୍ରଭୁ ନିଜେ ପ୍ରଚଳନ କରିଛନ୍ତି। ବାରମାସରେ ଅନୁଷ୍ଠିତ ହେଉଥିବା ତେର ଯାତ୍ରା ମାନଙ୍କ ମଧ୍ୟରେ ସ୍ନାନ ଯାତ୍ରା ଅନ୍ୟତମ। ସ୍ନାନଯାତ୍ରା ସଂପର୍କରେ କିଛି ପ୍ରକାଶ କରିବା ଏହି ଲେଖାର ଉଦ୍ଦେଶ୍ୟ। ସଚରାଚର ଜଗତର ସୃଷ୍ଟିକର୍ତା ଏବଂ ଶାନ୍ତିଦାତା ଶ୍ରୀ ଜଗନ୍ନାଥଙ୍କର ସ୍ନାନଯାତ୍ରା ଜ୍ୟେଷ୍ଠ ପୁର୍ଣ୍ଣିମା ତିଥିରେ ଶ୍ରୀ କ୍ଷେତ୍ରରେ ଅନୁଷ୍ଠିତ ହୋଇଥାଏ। ସ୍ନାନଯାତ୍ରା ପାଇଁ ଏହି ସମୟ ପ୍ରଭୁ ନିଜେ ସ୍ଥିର କରିଛନ୍ତି। ଜ୍ୟେଷ୍ଠ ପୁର୍ଣ୍ଣିମାର ପ୍ରାତଃ କାଳରେ ବଳରାମ ଓ ସୁଭଦ୍ରାଙ୍କ ସହ ନିଜେ ସ୍ନାନ କରିବା ପାଇଁ ପ୍ରଭୁ ଜଗନ୍ନାଥ 'ସ୍କନ୍ଦ ପୁରାଣ'ର ଉତ୍କଳ ଖଣ୍ଡରେ ସମୟ ନିର୍ଦ୍ଧାରଣ କରି ଅଛନ୍ତି। ଏଥିରେ ଉଲ୍ଲେଖ ଅଛି;

*ଜ୍ୟେଷ୍ଠାଂ ପ୍ରାତଃ ସ୍ନାନକାଳେ ବ୍ରହ୍ମଣାଂ ସହିତ ଚମାମଂ*
*ରାମସୁଭଦ୍ରଂ ସଂ ସ୍ନାପ୍ୟ ମମସାୟୁଜ୍ୟ ମାପ୍ନୁୟାତ୍।*

ସ୍ନାନଯାତ୍ରା ଅନୁଷ୍ଠିତ ହେବାର କାରଣ ସଂପର୍କରେ ଅନୁଧ୍ୟାନ କଲେ ଜଣାଯାଏ ଯେ ପବିତ୍ର ଜ୍ୟେଷ୍ଠ ପୁର୍ଣ୍ଣିମା ମହାପ୍ରଭୁ ଜଗନ୍ନାଥଙ୍କ ଆବିର୍ଭାବ ତଥା ଜନ୍ମତିଥି ଅଟେ। ଏହି ଦିବସରେ ପ୍ରଭୁଙ୍କର ପ୍ରତିମାକୁ ଅଧିବାସ ପୂର୍ବକ ମହାସମାରୋହରେ ସ୍ନାନ କରାଇଲେ ତାଙ୍କ ଦ୍ୱାରା କୋଟି ଜନ୍ମାର୍ଜିତ ପାପରାଶିର ବିନାଶ ଘଟିଥାଏ। 'ସ୍କନ୍ଦ ପୁରାଣ' ଉତ୍କଳ ଖଣ୍ଡ କୁହେ;

*କୃତସ୍ୟ ପ୍ରଥମେ ଜ୍ୟେଷ୍ଠେ ଦର୍ଶେତି କ୍ରତୁ ସଂସ୍ଥିତିଃ*
*ଜ୍ୟେଷ୍ଠା ମହଞ୍ଚାବତୀର୍ଣ୍ଣସ୍ତତ୍ ପୂଣ୍ୟଜନ୍ମବାଦୀଶ୍ୱରମ୍*
*ତସ୍ୟାମେଂ ସ୍ୱପନଂ କୁର୍ଯ୍ୟାନ୍ମହାସାନ ବିଧାନତଃ*
*ପ୍ରତ୍ୟର୍ଚ୍ଚିୟ୍ଚଂ ମହାରାଜ ସାଧିବାସଂ ସମୃଦ୍ଧିମତ୍*
*ପାପଂ ବିନାଶୟିସ୍ୟାମି କୋଟି ଜନ୍ମଭିରର୍ଜିତଂ।*

ସ୍ନାନ ପୁର୍ଣ୍ଣିମା ଜଗନ୍ନାଥଙ୍କର ପ୍ରକଟ ଦିବସ ହୋଇଥିବାରୁ ପ୍ରଭୁଙ୍କୁ ଏହି ତିଥିରେ ସର୍ବତୀର୍ଥ ମିଶ୍ରିତ ଜଳରେ ସ୍ନାନ କରାଇବା ପାଇଁ, 'ଇନ୍ଦ୍ର ନୀଳମଣି ପୁରାଣ'ରେ ମତବ୍ୟକ୍ତ କରି କୁହାଯାଇଛି;

*ହିରଣ୍ୟଗର୍ଭ ଦେବେଶଂ ଯଜ୍ଞାଙ୍ଗଯଜ୍ଞ ସମ୍ଭବଂ*
*ସ୍ନାପୟାମି ସ ଭକ୍ତ୍ୟାଷ୍ଟ ଗୃହାଣ ମଧୁସୂଦନଂ*
*ପ୍ରତିମା ପ୍ରକଟାନ୍ତେ ଚ ଜ୍ୟେଷ୍ଠ ଚ ପୁର୍ଣ୍ଣିମା ଦିନେ*
*ଅଭିଷେକ ପ୍ରକର୍ତ୍ତବ୍ୟ ସର୍ବତୀର୍ଥ ଜଳେ ତଥା।*

ଦୀନଜନଙ୍କର ହିତ ସାଧନ, ସର୍ବ ପାପ ବିନାଶନ ଓ ରାଷ୍ଟ୍ରର କଲ୍ୟାଣ ନିମନ୍ତେ ଦୀନବନ୍ଧୁ ଜଗନ୍ନାଥଙ୍କର ସ୍ନାନ

Nyasa Nabodita Presents

ଆହ୍ୱାନ

ଦ୍ୱିତୀୟ ବର୍ଷ
ପଞ୍ଚମ ସଂଖ୍ୟା
Vol: 2 Issue: 5
June 2007

ଓଡିଶାର ପ୍ରଥମ ଏବଂ ଏକମାତ୍ର ମାସିକ ସାହିତ୍ୟିକ ଇ-ପତ୍ରିକା

Visit our website today for more feature rich presentations and informations. http://aahwaan.5gbfree.com/

କରାଯାଇଥାଏ, ବୋଲି ଶାସ୍ତ୍ରୀୟ ମତ ଦୃଷ୍ଟିଗୋଚର ହୋଇଥାଏ । ଯଥା;

*ତଦାସ୍ତାନଂ ଦୀନହିତାର୍ଥଂ ସର୍ବକଲ୍ମଶ ନାଶନଃ*
*ମଞ୍ଚସ୍ନାନଂ ବରଂ ଶ୍ରେଷ୍ଠ ରାଷ୍ଟ୍ରକଲ୍ୟାଣ ହେତବେ ।*

ସ୍ନାନ ପୂର୍ଣ୍ଣିମାରେ ସମାହିତ ହେଉଥିବା ସ୍ନାନ ହୁବନ ବିଧି ଅଟେ । କାରଣ ଯଜ୍ଞର ପ୍ରୋକ୍ଷଣ ଜଳରେ ହୀରଣ୍ୟଗର୍ଭ ଯଜ୍ଞ ସମ୍ଭୂତ ଯଜ୍ଞ ମୂର୍ତ୍ତିକୁ ସ୍ନାନ ରୂପକ ହୁବନ କରାଯାଇଥାଏ । ଶ୍ରୀ ମନ୍ଦିର ପରିସର ମଧ୍ୟରେ ଥିବା ସ୍ନାନ ମଣ୍ଡପରେ ସ୍ନାନ ବିଧି ସମାପନ ହୋଇଥାଏ । ତୀର୍ଥମୟ କୂପରୁ ଅଣାଯାଇଥିବା ୧୦୮ କୁମ୍ଭ ମଧ୍ୟରୁ ବଳଭଦ୍ରଙ୍କୁ ୩୩ କୁମ୍ଭ, ଜଗନ୍ନାଥଙ୍କୁ ୩୫ କୁମ୍ଭ, ସୁଭଦ୍ରାଙ୍କୁ ୨୨ କୁମ୍ଭ ଓ ସୁଦର୍ଶନଙ୍କୁ ୧୮ କୁମ୍ଭ ଜଳରେ ସ୍ନାନ କରାଯାଇଥାଏ । ସ୍ନାନ ବେଦୀ ଉପରେ ସ୍ନାନଯାତ୍ରା ଅବସରରେ ଶ୍ରୀ ଜଗନ୍ନାଥ ଗଜାନନ ବେଶରେ ଜନସାଧାରଣଙ୍କୁ ଦର୍ଶନ ଦେଇଥାଆନ୍ତି । ଏହି ବେଶ ସହିତ ଦାକ୍ଷିଣାତ୍ୟର ଭକ୍ତ ଗଣପତି ଭଟ୍ଟଙ୍କର ଅପୂର୍ବ ଭକ୍ତି ପ୍ରସଙ୍ଗ ଓତଃପ୍ରୋତ ଭାବରେ ଜଡିତ । ଗଣପତି ଭଟ୍ଟ ନିଜର ଇପ୍ସିତ ବ୍ରହ୍ମଙ୍କୁ ଦର୍ଶନ କରିବାପାଇଁ ଶ୍ରୀ ମନ୍ଦିର ଅଭିମୁଖେ ଯାତ୍ରା କରି ସିଂହଦ୍ୱାର ନିକଟରେ ପହଞ୍ଚିଲେ । ସେ ଦିନ ସ୍ନାନ ପୂର୍ଣ୍ଣିମାଥିଲା ଏବଂ ଜଗନ୍ନାଥ ସ୍ନାନ ମଣ୍ଡପରେ ବିଜେ କରିଥିଲେ । ଗଣପତି ଭଟ୍ଟ ଜଗନ୍ନାଥଙ୍କୁ ଦର୍ଶନ କଲେ ମଧ୍ୟ ଗଜାନନଙ୍କୁ ବ୍ରହ୍ମ ରୂପରେ ମାନୁଥିବାରୁ ଜଗନାଥଙ୍କୁ ବ୍ରହ୍ମ ସ୍ୱରୂପ ଭାବରେ ଗ୍ରହଣ କରି ପାରିଲେ ନାହିଁ । ତାଙ୍କର ଧାରଣା ଥିଲା ଯେ, ବ୍ରହ୍ମ ସ୍ୱରୂପୀ ଗଜାନନ ହିଁ ନୀଳାଚଳରେ ବିଜେ କରିଛନ୍ତି । ନିଜର ଇପ୍ସିତ ବ୍ରହ୍ମ ରୂପ ନ ଦେଖି, ଜଗନ୍ନାଥଙ୍କ ଉଦ୍ଦେଶ୍ୟରେ ନତମସ୍ତକ ନ ହୋଇ ଗଣପତି ଭଟ୍ଟ ପଛକୁ ଫେରି ଆସିଲେ । ଗଣପତି ଭଟ୍ଟଙ୍କର ମନର ବ୍ୟଥା ଓ ଅଭିମାନ ଭକ୍ତବତ୍ସଳ ଜଗନ୍ନାଥଙ୍କ ମନକୁ ବ୍ୟଥିତ କଲା । ଠାକୁର ଗଣପତି ଭଟ୍ଟଙ୍କୁ ଡାକି ଆଣି ପୁନଶ୍ଚ ତାଙ୍କୁ ଦର୍ଶନ କରିବା ପାଇଁ ମୁଦିରଥଙ୍କୁ ସ୍ୱପ୍ନରେ ଜଣାଇଲେ । ମୁଦିରଥଙ୍କ କଥାମାନି ଗଣପତି ଭଟ୍ଟ ପୁନର୍ବାର ଜଗନ୍ନାଥଙ୍କ ପାଖକୁ ଫେରିଆସିଲେ, ଏବଂ ନିଷ୍ପଳ ନୟନରେ ଚାହିଁ ଜଗନ୍ନାଥଙ୍କୁ ଗଜାନନ ବେଶରେ ଦର୍ଶନ କଲେ ଏବଂ ଆକୁଳ କଣ୍ଠରେ ସ୍ତୁତି କଲେ;

*ତ୍ୱମେବ ବକ୍ରତୁଣ୍ଡଶ୍ଚ, ତ୍ୱମେବ ଗଣନାୟକଂ*
*ଶୁକ୍ଳ କୃଷ୍ଣ ସ୍ୱରୂପେଣ ଗୌରୀପୁତ୍ର ବିନାୟକଃ,*
*କୃଷ୍ଣ ରୂପମୟ କୃଷ୍ଣ ଶିବ ରୂପମୟ ହର,*
*ସାକ୍ଷାଦ୍ଦେବ ଜଗନ୍ନାଥ ବିଘ୍ନବିନାଶକ ସ୍ୱୟଂ ।*

ଏହାପରେ ଦେବ ସ୍ନାନ ଯାତ୍ରା ସମୟରେ ପ୍ରଭୁ ଜଗନ୍ନାଥ ସବୁବେଳେ ହସ୍ତୀ ବେଶରେ ବିଜେ କରିବାପାଇଁ ମାଗୁଣି ଜଣାଇ, ବ୍ରହ୍ମ ସ୍ୱରୂପ ଧ୍ୟାନ କରି ଭକ୍ତ ଶେଖର ଗଣପତି ଭଟ୍ଟ ବ୍ରହ୍ମଲୋକରେ ମିଶିଗଲେ । ସେହି ଦିନଠାରୁ ସ୍ନାନ ପୂର୍ଣ୍ଣିମା ତିଥିରେ, ସ୍ନାନ ଯାତ୍ରା କାଳରେ ପ୍ରଭୁ ଜଗନ୍ନାଥ ଗଜାନନ ବେଶରେ ଭକ୍ତଙ୍କୁ ଦର୍ଶନ ଦେଉଛନ୍ତି ।

ଏଥର ସ୍ନାନଯାତ୍ରା ଦର୍ଶନର ଫଳ ସଂପର୍କରେ କିଛି କୁହାଯାଉ । ମହା ଜ୍ୟେଷ୍ଠ ସ୍ନାନ ଦର୍ଶନରେ ମହାପୁଣ୍ୟଲାଭ ହେବା କଥା, 'ପଦ୍ମପୁରାଣ'ରେ ଉଲ୍ଲିଖିତ ଅଛି ।;

*ମହାଜ୍ୟେଷ୍ଠାଞ୍ଚ ବିପ୍ରର୍ଷେ ଜଗନ୍ନାଥମନାମୟମ୍*
*ଆଲୋକ୍ୟ ଲଭତେ ମର୍ତ୍ତ୍ୟୋ ବିଷ୍ଣୋସ୍ତତ୍ପରଂ ପଦମ୍ ।*

ଜଗତ୍ପତି ଜଗନ୍ନାଥଙ୍କୁ ସ୍ନାନୋତ୍ସବ ଅବସରରେ ତ୍ରିଲୋକ ମଧ୍ୟରେ ଯେଉଁମାନେ ଦର୍ଶନ କରନ୍ତି, ସେମାନେ ଭବ ସାଗରରୁ ମୁକ୍ତ ହୁଅନ୍ତି, ଏଥିପାଇଁ 'ନୀଳାଦ୍ରି ମହୋଦୟ'ରେ କୁହାଯାଇଛି;

*ଜଗତ୍ପତେ ତସ୍ୟ ମହୋତ୍ସବପ୍ରଦେ*
*ସଦା ତ୍ରିଲୋକୀଜନ ଚେତସାଂ ଯେ*
*କୁର୍ବନ୍ତି ଭକ୍ତିଂ ପରମଭବାର୍ଣ୍ଣବା*
*ସ୍ନାନୋତ୍ସବେ ତେ ତରସା ବିମୁକ୍ତା କାଃ ।*

ଜଗନ୍ନାଥଙ୍କୁ ସ୍ନାନବେଦୀ ଉପରେ ସ୍ନାନ କାଳରେ ଦର୍ଶନ କରୁଥିବା ଦର୍ଶନକାରୀ ମାନେ ଦେହ ବନ୍ଧନରେ ଆବଦ୍ଧ ହୁଅନ୍ତି ନାହିଁ ବୋଲି 'ସ୍କନ୍ଦ ପୁରାଣ'ରେ କୁହାଯାଇଛି;

*ସ୍ନାପ୍ୟମାନନ୍ତୁ ଯଃ ପଶ୍ୟେତ୍ ମାଂ ତଦା ନୃପମୁତ୍ତମ୍*
*ଦେହବନ୍ଧ ମବାପ୍ନୋତି ନ ପୁନଃ ସ ତୁ ପୁରୁଷଃ ।*

ଆକାଶରେ ଚନ୍ଦ୍ର ଉଦୟ ହେଲେ ଅନ୍ଧକାର ଦୂରେଇ ଯାଏ, ଦୂର ପୁଷ୍କରିଣୀରେ ପ୍ରଫୁଲ୍ଲିତ କୁମୁଦିନୀ ପ୍ରସ୍ଫୁଟିତ ହୁଏ । ଠିକ୍ ସେହି ପରି ସ୍ନାନବେଦୀରେ ନୀଳାଦ୍ରି ଚନ୍ଦ୍ରମା

Nyasa Nabodita Presents

# ଆହ୍ୱାନ

ଦ୍ୱିତୀୟ ବର୍ଷ
ପଞ୍ଚମ ସଂଖ୍ୟା
Vol: 2 Issue: 5
June 2007

ଓଡିଶାର ପ୍ରଥମ ଏବଂ ଏକମାତ୍ର ମାସିକ ସାହିତ୍ୟିକ ଇ-ପତ୍ରିକା

Visit our website today for more feature rich presentations and informations. http://aahwaan.5gbfree.com/

ଜଗନ୍ନାଥଙ୍କର ଆବିର୍ଭାବରେ ଦର୍ଶନକାରୀଙ୍କ ହୃଦୟରେ ଆନନ୍ଦ ଭରିଯାଏ । ଆଧିଭୌତିକ, ଆଧିଦୈବିକ, ଓ ଆଧ୍ୟାତ୍ମିକ ତାପ ରୂପକ ଅନ୍ଧକାର ଦୂରେଇ ଯାଏ । ଏହି ମର୍ମରେ କବି ଲୋକନାଥ ବିଦ୍ୟାଧର 'ନୀଳାଦ୍ରି ମହୋତ୍ସବ' କାବ୍ୟରେ ଲେଖିଛନ୍ତି;

*ଜଗତଙ୍କ ମନ କୁମୁଦ ପ୍ରଫୁଲ୍ଲିତ ହୋଇଲା*
*ତାପତ୍ରୟ ତମନିଚୟ ପ୍ରାୟ ବିନାଶ ହେଲା ।*

ପତିତ ମାନଙ୍କୁ ପବିତ୍ର କରିବାପାଇଁ, ପ୍ରଭୁ ପୁରୁଷୋତ୍ତମ ଜଗନ୍ନାଥ ସ୍ନାନଯାତ୍ରା ଲୀଳା ବିସ୍ତାର କରି ଅଛନ୍ତି । ଏଣୁ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ଲେଖିଛନ୍ତି;

*ସ୍ନାଣ ଗୁଣ୍ଡିଚାଏ ବେନି ସ୍ୱୟଂ ଲୀଳାଯାର*
*ପତିତ ପାବନ ଅର୍ଥେ ପ୍ରାସାଦୁଁ ବାହାର ।*

ଜନାର୍ଦ୍ଦନ ଜଗନ୍ନାଥ ସ୍ନାନବେଦୀରୁ ଜଗତର ଜନତା ଜନାର୍ଦ୍ଦନଙ୍କ କଲ୍ୟାଣ କରନ୍ତୁ ।

ପୋଖରିଆ ସାହି ।

**ଚଳିତ ସଂସ୍କରଣର ଆହ୍ୱାନ କେମିତି ଲାଗିଲା, ତାହା ଆମ ଫୋରମ୍‌ରେ ଜଣାଇପାରିବେ କିମ୍ବା ପତ୍ରଦ୍ୱାରା ଆଂକୁ ପଠାଇଲେ ଆମେ ଖୁସି ହେବୁ । ଆପଣଙ୍କର ପତ୍ର ସବୁ ଆମକୁ ଆହୁରି ଅଧିକ ସୁନ୍ଦର କରି ଆହ୍ୱାନକୁ ଗତି ତୋଳିବାକୁ ସାହସ ଦେବ, ଆମର ଠିକଣା, ବର୍ତ୍ତମାନ ନୂତନ ଇ-ମେଲ୍ ଆଇଡି ରେ ଦେଇପାରିବେ ।**

aahwaan@gmail.com




**ନିଜର ୱେବ୍‌ସାଇଟ୍ ନିର୍ମାଣ କରୁଥିବା କଥା ଚିନ୍ତା କରୁଛନ୍ତି କି? ଆହ୍ୱାନ ଉପରେ ଭରସା କରନ୍ତୁ । ବ୍ୟକ୍ତିଗତ ୱେବ୍‌ସାଇଟ୍ ମାତ୍ର ଦୁଇଶହରୁ ପାଞ୍ଚଶହ ଟଙ୍କାରେ ପାଆନ୍ତୁ, ଏବଂ ବ୍ୟବସାୟିକ ୱେବ୍‌ସାଇଟ୍ ପାଇଁ ସାମାନ୍ୟ ଅଧିକ ମୂଲ୍ୟ ଦେଇ ପାଆନ୍ତୁ, ବିଶ୍ୱସନୀୟ ଗୁଣବତ୍ତା ଆଉ ଆଧୁନିକ ଗୁଣକୌଶଳରେ ନିର୍ମିତ ୱେବ୍‌ସାଇଟ୍ । ଆପଣ ଆମର ୱେବ୍‌ସାଇଟ୍** http://aahwaan.5gbfree.com/ **କୁ ଦେଖି ଅନୁମାନ କରିପାରନ୍ତି । ଏହି ପରି ଏକ ୱେବ୍‌ସାଇଟ୍ ମାତ୍ର ଏକ ହଜାର ଟଙ୍କାରେ ନିର୍ମାଣ କରିଦିଆ ଯାଇପାରେ, ଏବଂ ମାତ୍ର ଚବିଶି ଘଣ୍ଟା ମଧ୍ୟରେ ଏହା ଅନ୍‌ଲାଇନ୍ କରିଦିଆଯାଏ । ଅଧିକ ବିବରଣୀ ଆମ ୱେବ୍ ଡିଜାଇନ୍ ଷ୍ଟୁଡିଓ ୱେବ୍‌ସାଇଟ୍‌ରୁ** http://aahwaan.5gbfree.com/indexdesign.html **ପାଇପାରିବେ ।**

ଯୋଗାଯୋଗ ଠିକଣା:

**ଡା ଜ୍ୟୋତି ପ୍ରସାଦ ପଟନାୟକ**

ଏମ୍ ବି ବି ଏସ୍, ଡି ଏମ୍ ସି ଏଚ୍
ସଂପାଦକ, 'ଆହ୍ୱାନ'
ବୀମା ନଗର, ଆମ୍ବପୁଆ ମୁଖ୍ୟ ରାସ୍ତା
ବ୍ରହ୍ମପୁର- ୭୬୦୦୧୦
ଓଡିଶା
ଫୋନ୍: ୦୬୮୦-୩୨୯୬୫୩୨
ଇ-ମେଲ୍: aahwaan@gmail.com

